ବର୍ଷ-୨୫, ସଂଖ୍ୟା-୨୭୯
ଭୁବନେଶ୍ୱର
୨୦, ଅକ୍ଟୋବର, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 279
Bhubaneswar
20, October, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

**ଶୁଭେଚ୍ଛା ଓ ଛୁଟି ଘୋଷଣା**

ଆଲୋକର ପର୍ବ ଦୀପାବଳି ଅବସରରେ ଶୁଭେଚ୍ଛା ସହ 'ମହାଭାରତ' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଛି। ତେଣୁ ଏହାର ପରବର୍ତ୍ତୀ ସଂସ୍କରଣ ୨୨ ତାରିଖରେ ପ୍ରକାଶ ପାଇବ।

- ପରିଚାଳକ

# ନିଜ ଦେଶରେ ଟ୍ରମ୍ପଙ୍କୁ ବିରୋଧ



**ୱାଂଶିଟନ,୧୯।୧୦(ମହାଭାରତ):** ବିଭିନ୍ନ ଦେଶ ପାଇଁ ମନଇଚ୍ଛା ଟାରିଫ ଲଗାଇ ଚର୍ଚ୍ଚାରେ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ନିଜ ଦେଶରେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଜନସମୁଦ୍ର ତାଙ୍କ ନୀତି ଓ ଶାସନ ପଦ୍ଧତି ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଲକ୍ଷାଧିକ ଲୋକ। ହଜାର ହଜାର ଲୋକେ ହାତରେ ପୋଷ୍ଟର ଆଉ ନାରା ଦେଉଛନ୍ତି 'ନୋ କିଙ୍ଗ୍ସ ଇନ୍ ଆମେରିକା' ଅର୍ଥାତ ଆମେରିକାରେ ଚଳିବନି ରାଜାଙ୍କ ରାଜୁତି। ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ୨,୭୦୦୦ ସହରେ ଏକାଠୀ ହୋଇ ନୋ-କିଙ୍ଗ୍ ଆନ୍ଦୋଳନ କରିଛନ୍ତି ଲୋକ। ବିଶାଳ ବିକ୍ଷୋଭରେ ପ୍ରାୟ ୮ ଲକ୍ଷ ଲୋକ ସାମିଲ ହୋଇଛନ୍ତ। ଟ୍ରମ୍ପ ଏବଂ ତାଙ୍କ ପ୍ରଶାସନର ତ୍ରୁଟିପୂର୍ଣ୍ଣ ଶାସନ ଓ ପଲିସିକୁ ଜୋରଦାର ବିରୋଧ ହୋଇଛି। ଆନ୍ଦୋଳନର ନାମ ନୋ-କିଙ୍ଗ୍ ରଖାଯାଇଛି ଅର୍ଥାତ୍ କେହି ଏଠି ରାଜା ନୁହଁନ୍ତି।ଚଳିତ ବର୍ଷ ଜୁନ୍‌ରେ ମଧ୍ୟ ନୋ-କିଙ୍ଗ୍ ଆନ୍ଦୋଳନ ହୋଇଥିଲା।

ନ୍ୟୁୟର୍କ ଠାରୁ ଆରମ୍ଭ କରି ୱାଶିଂଟନ, ଲସ୍ ଆଞ୍ଜେଲସ ଓ ଚିକାଗୋ ପର୍ଯ୍ୟନ୍ତ ହଜାର ହଜାର ନାଗରିକ ଗଣତନ୍ତ୍ରର ସୁରକ୍ଷା ଦାବି କରି ରାସ୍ତାକୁ ଓହ୍ଲାଇଛନ୍ତି। ଜନତାଙ୍କ ଅଭିଯୋଗ, ଟ୍ରମ୍ପ ନିଜକୁ ରାଷ୍ଟ୍ରପତି ନୁହେଁ, ଜଣେ ଶାସକ ଭାବୁଛନ୍ତି ଯିଏ କୌଣସି ଲୋକଙ୍କ ପ୍ରଶ୍ନ ଓ ସମାଲୋଚନାକୁ ଆଦୌ ବରଦାସ୍ତ କରିପାରୁନାହାନ୍ତି। ଟ୍ରମ୍ପ ପ୍ରଶାସନ ଧୀରେ ଧୀରେ ଗଣତାନ୍ତ୍ରିକ ସଂସ୍ଥାକୁ ଦୁର୍ବଳ କରୁଛନ୍ତି, ଗଣମାଧ୍ୟମ ଉପରେ ଚାପ ପକାଉଛି, ନ୍ୟାୟପାଳିକାରେ ହସ୍ତକ୍ଷେପ କରୁଛି। ଅରଉ ସମାଲୋଚକଙ୍କୁ ଦେଶ ବିରୋଧୀ କହି ଟାର୍ଗେଟ୍ କରାଯାଉଛି। ଏହା ଆମେରିକାରେ ଗଣତନ୍ତ୍ର ବଦଳରେ ଏକଛତ୍ରବାଦ ଆଡ଼କୁ ନେଉଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରଦର୍ଶନକୁ ଟ୍ରମ୍ପଙ୍କ ପାର୍ଟି ହେଟ୍ ଆମେରିକା କହି ପାଲଟା ଆକ୍ରମଣ କରିଛି।

ନୋ କିଙ୍ଗ୍ସ ଇନ୍ ଆମେରିକା କେବଳ ଏକ ନାରା ନୁହେଁ, ବରଂ ଗଣତନ୍ତ୍ର ସୁରକ୍ଷାର ପ୍ରତୀକ ହୋଇଛି। ଆନ୍ଦୋଳନରେ କେବଳ ସାଧାରଣ ନାଗରିକ ନୁହନ୍ତି, ଛାତ୍ର, ସାମାଜିକ କର୍ମୀ ଏବଂ କିଛି ପୂର୍ବତନ ଅଧିକାରୀ ସାମିଲ ହୋଇଛନ୍ତି। ସମସ୍ତଙ୍କ ଗୋଟିଏ ନାରା, ଆମେରିକା କୌଣସି ରାଜାଙ୍କ ଦେଶ ନୁହେଁ ବରଂ ଜନତାଙ୍କ ଗଣରାଜ୍ୟ । ୱାଶିଂଟନ୍ ଡିସି ଓ ନ୍ୟୁୟର୍କରେ ଭିଡ଼ ଏତେମାତ୍ରାରେ ଥିଲା ଯେ, ସ୍ଥାନେ ସ୍ଥାନେ ପୁଲିସ ବ୍ୟାରିକେଡ୍ ଲଗାଇଛି। ବିଶେଷଜ୍ଞ କହିଛନ୍ତି ଯେ, ଏହି ଆନ୍ଦୋଳନ ଆଗକୁ ଆମେରିକା ନିର୍ବାଚନକୁ ପ୍ରଭାବିତ କରିପାରେ। ଟ୍ରମ୍ପଙ୍କ ପାଇଁ ଏହା କେବଳ ରାଜନେତିକ ଚ୍ୟାଲେଞ୍ଜ ନୁହେଁ, ଜନତାଙ୍କ ଭରସାର ପରୀକ୍ଷା ସଦୃଶ। ଅଭିଯାନ ସହିତ ଜଡିତ ଏକ ସଂଗଠନ, ଇନଡିଭିଜିବଲର ସହ-ପ୍ରତିଷ୍ଠାତା ଲିଆ ଗ୍ରୀନବର୍ଗ କହିଛନ୍ତି ଯେ ଏହି ପ୍ରତିବାଦ ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ। ସେ କହିଛନ୍ତି ଯେ ଆମର କୌଣସି ରାଜା ନାହାଁନ୍ତି ବୋଲି ଧାରଣା ହେଉଛି। ଆମେରିକୀୟ ସମ୍ବିଧାନର ମୂଳ ଏହି ଆନ୍ଦୋଳନ ଏକ ବାର୍ତ୍ତା ପଠାଏ ଯେ ନାଗରିକମାନଙ୍କୁ ପୁଣି ଥରେ ସେମାନଙ୍କର ସ୍ୱର ଉଠାଇବାକୁ ପଡିବ।

ଆମେରିକାର ଅନେକ ସ୍ଥାନରେ ପ୍ରତିବାଦକାରୀମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଥିଲେ ଭର୍ଜିନିଆରେ, ଶହ ଶହ ଲୋକ ୱାଶିଂଟନ, ଡି.ସି.କୁ ଶୋଭାଯାତ୍ରାରେ ବାହାରି ଆର୍ଲିଙ୍ଗଟନ କବରସ୍ଥାନରେ ଏକାଠି ହୋଇଥିଲେ ଆୟୋଜକମାନେ ରିପୋର୍ଟ କରିଛନ୍ତି ଯେ ଏହି ଅଭିଯାନକୁ ୩୦୦ରୁ ଅଧିକ ସାମାଜିକ ସଂଗଠନ ସମର୍ଥନ ପାଇଛି ଆମେରିକୀୟ ସିଭିଲ ଲିବର୍ଟିଜ ୟୁନିଅନ ମଧ୍ୟ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସୁନିଶ୍ଚିତ କରିବା ପାଇଁ ହଜାର ହଜାର ସ୍ୱେଚ୍ଛାସେବକଙ୍କୁ ତାଲିମ ଦେଇଥିଲା। ବଡ଼ କଥା ହେଉଛି ୪ ମାସ ପୂର୍ବରୁ ମଧ୍ୟ ଟ୍ରମ୍ପଙ୍କ ବିରୁଦ୍ଧରେ ସମାନ ଆନ୍ଦୋଳନ ହୋଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିଥିଲେ। ପ୍ରଦର୍ଶନକାରୀ କିନ୍ତୁ ବର୍ତ୍ତମାନ ବିକ୍ଷୋଭରେ ଲକ୍ଷ ଲୋକ ସାମିଲ ହୋଇଛନ୍ତି। ଜୁନ୍‌ରେ ହୋଇଥିବା ନୋ-କିଙ୍ଗ୍ ଆନ୍ଦୋଳନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କ୍ଷମତାର ପ୍ରତିବାଦରେ ଆମେରିକାର ଛୋଟ ବଡ଼ ସହରଗୁଡ଼ିକରେ ୫ ଲକ୍ଷରୁ ଅଧିକ ଲୋକ ରାସ୍ତାକୁ ଓହ୍ଲାଇଥିଲେ ।

DADLS-58





**ପବିତ୍ର ଦୀପାବଳି-୨୦୨୫ ଉପଲକ୍ଷେ**
**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଂଶ ଓ ଅଙ୍ଗ। ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ହରି ବାବୁ କମ୍ଭମ୍ପାଟି)

OIPR-15001/13/1239/2526

# ୧୮ ହଜାର ବୃତ୍ତି ପାଉଥିଲେ ମିଳିବନି 'ସୁଭଦ୍ରା'

**ଭୁବନେଶ୍ୱର,୧୯।୧୦ (ମହାଭାରତ):** ୧୮ ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ଛାତ୍ରୀ। କୌଣସି ମହିଳାଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଠାରୁ ୧୮ ହଜାର କିମ୍ବା ଏହାଠାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ମିଳୁଛି କି ବୋଲି ଦୁଇ ବିଭାଗରୁ ରିପୋର୍ଟ ମାଗିଛି ମହିଳା ଓ ଶିଶୁ ବିକାଶ ବିଭାଗ ଉଚ୍ଚଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ପତ୍ର ଲେଖିଛି ବିଭାଗ। 'ସୁଭଦ୍ରା' ନିୟମାବଳୀ ଅନୁସାରେ ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ ହିତାଧିକାରୀଙ୍କ ବୟସ ୨୧ ବର୍ଷ କିମ୍ବା ତା ଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଅଧୀନରେ ଦି କୌଣସି ମହିଳା ବାର୍ଷିକ ୧୮ ହଜାର ଟଙ୍କା କିମ୍ବା ତା ଠାରୁ ଅଧିକ ଆର୍ଥିକ ସହାୟତା ଗ୍ରହଣ କରୁଥିବେ, ସେ କ୍ଷେତ୍ରରେ ସଂପୃକ୍ତ ମହିଳା ସୁଭଦ୍ରା ପାଇଁ ଅଯୋଗ୍ ଘୋଷିତ ହେବେ। ଏ ନେଇ ବିଭାଗକୁ ଅନେକ ଅଭିଯୋଗ ମିଳିଛି। ଛାତ୍ରୀମାନଙ୍କୁ ଯେଉଁ ଛାତ୍ର ବୃତ୍ତି ରାଶି ପ୍ରଦାନ କରାଯାଉଛି ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେଉଛି। ହେଲେ ଏହାକୁ ଅତିରିକ୍ତ ଆର୍ଥିକ ସହାୟତା ଭାବେ ହିସାବକୁ ନିଆଯାଇପାରୁନାହିଁ। ଏନେଇ ବିସ୍ତୃତ ଭାବେ ଯାଂଚ କରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ଛାତ୍ରୀମାନେ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ର ବୃତ୍ତି ନେଇଛନ୍ତି ତା'ର ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ଚିଠି ଲେଖିଛି ବିଭାଗ।

# ବିଜେଡିର ଶକ୍ତି ପ୍ରଦର୍ଶନ

**ଭୁବନେଶ୍ୱର,୧୯।୧୦(ମହାଭାରତ):** ନୂଆପଡ଼ା ଉପନିର୍ବାଚନ ପାଇଁ କମ୍ପୁଛି କ୍ୟାମ୍ପେନ ମଇଦାନ। ତିନି ପ୍ରମୁଖ ଦଳ ନେତା ମାନେ ନିଜ ନିଜର ପ୍ରାର୍ଥୀଙ୍କ କସରତ ଆରମ୍ଭ କରିଦେଲେଣି । ନୂଆପଡ଼ାରେ ବିଜେଡି ଆସନ୍ତାକାଲି ଅର୍ଥାତ ନାମାଙ୍କନ ଶେଷ ଦିନରେ ପ୍ରାର୍ଥିପତ୍ର ଦାଖଲ କରିବ। ଏହା ପୂର୍ବରୁ ରବିବାର ବିଜେଡି ପକ୍ଷରୁ ନୂଆପଡ଼ାରେ ପଦଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଅବସରରେ ବିଜେଡି ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତିବିଜୁ ଜନତା ଦଳର ନୂଆପଡ଼ା ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ। ସେ ପ୍ରଥମେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କୁ ପ୍ରମାଣ କରି ଆଗକୁ ବଢ଼ିଥିଲେ।

ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ନୂଆପଡ଼ାରେ ଆଜି ଇତିହାସ ସୃଷ୍ଟି ହୋଇଛି। ଅନ୍ୟ ଦଳ ବିଜେଡିକୁ ଦୁର୍ବଳ ବୋଲି ଭାବୁଥିଲେ। ହେଲେ ଏ ଜନସମର୍ଥନ ଦେଖି ସେମାନେ ଭୟଭୀତ। ମୁଁ ନୂଆପଡ଼ାର ଭାଣିଜୀ। ଆପଣଙ୍କ ସହ ମିଶି ପୂର୍ବରୁ କାମ କରିଛି। ସୁନା ଦେଇ ମନ୍ଦିର ଉନ୍ନତି ଏବଂ ବିଜୁ ଏକ୍ସପ୍ରେସ ୱେ ବିଜେଡି ସରକାର ସମୟରେ ହୋଇଛି। ନୂଆପଡ଼ାର ସବୁ ଜନତା ନବୀନ ବାବୁଙ୍କୁ ଭଲ ପାଆନ୍ତି ଦଳରୁ କିଏ ଗଲା, କିଏ ଆସିଲା ତାହାର କୌଣସି ଅର୍ଥ ନାହିଁ । ଯିଏ ଗଲା ସିଏ ଗଲା। ମୁଁ ଆପଣଙ୍କୁ ମୋର ପରିବାର ବୋଲି ଭାବେ। ବିଜେପି କହୁଛି ମୁଁ ଆଜି ଉଡି ଆସିଛି, କାଲି ପଳେଇବି।ହେଲେ ସେମାନେ ଜାଣିବା ଦରକାର ମୁଁ ନବୀନ ବାବୁଙ୍କ ନେତା। କେବେ ଧୋକା ଦେବି ନାହିଁ।

# କଟକରେ ବି ୨ ଘଣ୍ଟା ବାଣଫୁଟା

**ଭୁବନେଶ୍ୱର,୧୯।୧୦(ମହାଭାରତ):** ଭୁବନେଶ୍ୱର ଭଳି କଟକରେ ବି ବାଣଫୁଟା ପାଇଁ ୨ ଘଂଟା ଅନୁମତି ଦିଆଯାଇଛି । ସଂଧ୍ୟା ୭ରୁ ରାତି ୯ଟା ଯାଏଁ ୨ ଘଂଟା ବାଣଫୁଟା ଅନୁମତି ମିଳିଛି । ଏନେଇ ସୂଚନା ଦେଇଛନ୍ତି କଟକ ଡିସିପି ରିଷିକେଶ ଖିଲାରି । ପୋଲିସର ନଜର ରହିବ, ଖିଲା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଛନ୍ତି । ତମାଣ୍ଡୋ ଅଗ୍ନିଶମ ପକ୍ଷରୁ ବରମୁଣ୍ଡା ପଡିଆରେ ବାଣ ଦୋକାନ ଯାଞ୍ଚ କରାଯାଇଛି। ଅଗ୍ନିଶମ ଅଧିକାରୀ ଜି.କେ. ବେହେରା କହିଛନ୍ତି ବାଣ ଦୋକାନରେ ଅଗ୍ନିଶମ ଉପକରଣ, ପର୍ଯ୍ୟାପ୍ତ ପରିମାଣରେ ପାଣି, ବାଲି ବାଲ୍ଟି ଅଛକି କି ନାହିଁ ତାର ଯାଂଚ କରାଯାଇଛି। କୌଣସି ବାଣ ଦୋକାନ ଫାୟାର ଇନ୍‌ଷ୍ଟିଗ୍ୟୁସର ଚଲାଇ ପାରୁଛନ୍ତି କିନାହିଁ ଯାଞ୍ଚ କରିବା ସହ ସଚେତନତା ମଧ୍ୟ କରିଛନ୍ତି ଅଗ୍ନିଶମ ଅଧିକାରୀ।





**ପବିତ୍ର ଦୀପାବଳି ଅବସରରେ**
**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଶୁଭ ଦୀପାବଳି

ଆଲୋକର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ଆଲୋକର ଉପସ୍ଥିତି ଅନ୍ଧକାରକୁ ଅପସାରିତ କରିଥାଏ। ଜ୍ଞାନର ଆଲୋକ ମନୁଷ୍ୟକୁ ଅଜ୍ଞାନର ଅନ୍ଧକାର ଭିତରୁ ଉଦ୍ଧାର କରିଥାଏ। ଜ୍ଞାନାଲୋକ ହିଁ ସତ୍ୟ, ଧର୍ମ, ନ୍ୟାୟ ଓ ସମୃଦ୍ଧିର ପ୍ରତୀକ।

ପବିତ୍ର ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR15001/13/1235/2526 DADLS-58

# ଗ୍ରାମାଞ୍ଚଳରେ ସୁଶାସନକୁ ଆହୁରି ଦକ୍ଷ ଓ ସୁଦୃଢ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୯।୧୦(ମହାଭାରତ):** ଗ୍ରାମାଂଚଳରେ ସୁଶାସନକୁ ଆହୁରି ଦକ୍ଷ ଓ ସୁଦୃଢ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ ଗ୍ରାମପଂଚାୟତ କାର୍ଯ୍ୟାଳୟର ଭୂମି ପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଂଟନ କରିଛନ୍ତି । ସୂଚନାଯୋଗ୍ୟ ଯେ ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ବ୍ୟତୀତ ରାଜ୍ୟର ୨୮ଟି ଜିଲ୍ଲାରେ ୪୭୧ଟି ଗ୍ରାମ ପଂଚାୟତ କାର୍ଯ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରାଯିବା ସହିତ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗରିବ ଲୋକଙ୍କ ବାସଗୃହ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖରେ ଆମ ସରକାର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ।। ଏହି ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ଏଥିରେ ୫ ଲକ୍ଷ ଘର ନିର୍ମାଣ କରାଯିବ । ନୂଆପଡ଼ା, କଳାହାଣ୍ଡି ଜିଲ୍ଲାକୁ ଛାଡ଼ି ବାକି ୨୮ଟି ଜିଲ୍ଲାର ୪୮ ହଜାର ୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଂଟନ କରାଯାଇଛି। ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା

**ଅନ୍ତ୍ୟୋଦୟ ଗୃହ ଯୋଜନା ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୃହର ଭିତ୍ତିପ୍ରସ୍ତର**

ଦିଆଯିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ, ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ, ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ। ସମସ୍ତ ହିତାଧିକାରୀଙ୍କୁ ଓଇଚ ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲାରେ ମନରେଗା କାର୍ଯ୍ୟକ୍ରମରେ ୯୫ ଦିନର ମଜୁରୀ ଏବଂ ଅଣ-ଓଇଚ ଜିଲ୍ଲାରେ ୯୦ ଦିନର ମଜୁରୀ ମଧ୍ୟ ଦିଆଯାଉଛି। ଏହାସହିତ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ



ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି । ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାର ମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ। ଏହାଦ୍ୱାରା ଗରିବ ଓ ଅସହାୟ ହେଲେ ମଧ, ପ୍ରତ୍ୟେକ ନାଗରିକ ଏକ ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ ।

ଶାସନ ନୁହେଁ, ସେବା ହିଁ ଆମ ସରକାରଙ୍କର ମୂଳମନ୍ତ୍ର। ଏହି ଉକ୍ତିକୁ ଯଥାର୍ଥ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦିଗ୍‌ଦର୍ଶନରେ ଆମେ ଗ୍ରାମ ପଂଚାୟତ ଗୁଡ଼ିକୁ ଜନକଲ୍ୟାଣର ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛୁ । ପ୍ରତ୍ୟେକ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗୀତାରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ।ଏହି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଗୁଡ଼ିକରେ ସରପଂଚ, ପଂଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର, ଜୁନିଅର ଇଞ୍ଜିନିଅର, ଗ୍ରାମ ରୋଜଗାର ସେବକ ଓ ଏକାଉଂଟେଂଟ କମ୍ ଡାଟା ଏଂଟ୍ରି ଅପରେଟର ମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ । ଅର୍ଥାତ୍, ପଂଚାୟତର ସମସ୍ତ ସେବା ଗୋଟିଏ ଜାଗାରେ ହିଁ ମିଳିବ । ଏହି କାର୍ଯ୍ୟାଳୟ ଗୁଡିକ ୱାନ୍ ଷ୍ଟପ୍ ସର୍ଭିସ ସେଂଟର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ହିତାଧିକାରୀ ଏବଂ ବିଭିନ୍ନ ପଂଚାୟତର ସରପଂଚଙ୍କ ସହ ଯୋଜନାର କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କରିଥିଲେ। ହିତାଧିକାରୀ ମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ମୁଣ୍ଡ ଉପରକୁ ଛାତ ଖଣ୍ଡିଏ ମିଳି ଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ହିତାଧିକାରୀ ମାନେ କହିଥିଲେ ଯେ ଏକ ସମ୍ମାନଜନକ ଜୀବନ ଯାପନ କରିବା ପାଇଁ ଏକ ସୁନ୍ଦର ଘର ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବାରୁ ସେମାନେ ନିଜର ଖୁସି ବ୍ୟକ୍ତ କରିଥିଲେ।ଏହି ଭବନଗୁଡ଼ିକ ଲୋକସେବା, ଗାଁର ଉନ୍ନତି ଓ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଏକ ନୂଆ ମାଇଲ ଷ୍ଟୋନ ହେବ କ୍ଷ ଏହି ଅଭିଯାନ କେବଳ ଭବନ ନିର୍ମାଣର ଏକ ପ୍ରକଳ୍ପ ନୁହେଁ, ବରଂ ଏହା ରାଜ୍ୟର ଗ୍ରାମାଂଚଳରେ ସୁଶାସନ, ସେବା ଓ ଉନ୍ନତିର ଏକ ନୂଆ ସୋପାନ ଆଣିବାର ପ୍ରଚେଷ୍ଟା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପଂଚାୟତିରାଜ ଓ ପାନୀୟଜଳ ବିଭାଗର ନିର୍ଦ୍ଦେଶକଭିନିତ ଭରଦ୍ୱାଜ ଏବଂ ଆଭାସି ମାଧ୍ୟମରେ ୨୮ଟି ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ, ପଂଚାୟତିରାଜ ପ୍ରତିନିଧିଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ଯୋଗଦେଇଥିଲେ। ପଂଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରିଶ ଏସ୍.ଏନ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

## ମାଣ୍ଡିଆ ରସାବଳି

ଆବଶ୍ୟକ ସାମଗ୍ରୀ: ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ

ପ୍ରସ୍ତୁତି ପ୍ରଣାଳୀ: ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ। ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ। ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ। ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ। ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ। ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।



**ପରଦା ଖବର**

## ଓଟିଟିରେ ରିଲିଜ ହେଲା ଟାଇଗର ଶ୍ରଫଙ୍କ ଆକ୍ସନ ଥ୍ରୀଲର ଫିଲ୍ମ ବାଗୀ ୪

ଓଟିଟିରେ ରିଲିଜ୍ ହେଲା ଟାଇଗର ଶ୍ରଫଙ୍କ ଆକ୍ସନ ଥ୍ରୀଲର ଫିଲ୍ମ ବାଗୀ ୪ । ଫିଲ୍ମଟି ଗତ ମାସରେ ସିନେମା ହଲରେ ମୁକ୍ତିଲାଭ କରିଥିଲା। ଯଦିଓ ଏହା ବକ୍ସ ଅଫିସରେ ଏତେଟା ଭଲ ପ୍ରଦର୍ଶନ କରିନଥିଲା ହେଲେ ଫ୍ୟାନ୍ୟମାନେ ଏହାର ଓଟିଟି ରିଲିଜକୁ ଉତ୍ସାହର ସହିତ ଅପେକ୍ଷା କରିଥିଲେ। 'ବାଗୀ ୪' ବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ ଥିଲା । ଏହା ସେପ୍ଟେମ୍ବର ୫ ତାରିଖରେ ବଡ଼ ପରଦାରେ ରିଲିଜ୍ ହୋଇଥିଲା। ଫିଲ୍ମର ଟ୍ରେଲରକୁ ଏକ ଜବରଦସ୍ତ ପ୍ରତିକ୍ରିୟା ମିଳିଥିଲା, ଯାହା ଫଳରେ ଏହା ବକ୍ସ





ଅଫିସରେ ହିଟ୍ ହେବ ବୋଲି ଆଶା କରାଯାଇଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ ଏବଂ 'ବାଗୀ ୪' ଦର୍ଶକଙ୍କ ମନ ଜିତିପାରିଲାନି। ସାଜିଦ ନାଡିଆଡୱାଲାଙ୍କ ବାଗୀ ଫ୍ରାଞ୍ଚାଇଜର ପୂର୍ବ ତିନୋଟି ଫିଲ୍ମ ସଫଳ ହୋଇଥିଲା ଏବଂ ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିଲା, କିନ୍ତୁ 'ବାଗୀ ୪' ଦର୍ଶକଙ୍କ ଆଶା ପୂରଣ କରିପାରି ନଥିଲା। ତେବେ ଏହି ଫିଲ୍ମଟି ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିଛି । ଯେଉଁମାନେ ଏହାକୁ ସିନେମା ହଲରେ ଦେଖିନାହାଁନ୍ତି, ସେମାନେ ଏହାକୁ ଆଜି ଅର୍ଥାତ ଅକ୍ଟୋବର ୧୭ ଠାରୁ ଓଟିଟି ପ୍ଲାର୍ଟଫର୍ମ ଆମାଜନ ପ୍ରାଇମ୍ ଭିଡ଼ିଓରେ ଦେଖିପାରିବେ। ପ୍ରାଇମ୍ ଭିଡିଓ ୟୁଜରମାନେ ଅକ୍ଟୋବର ୩୧ ଠାରୁ ପ୍ଲାର୍ଟଫର୍ମରେ ଏହାକୁ ମାଗଣାରେ ଦେଖିପାରିବେ । ବାଗୀ ୪ ଦର୍ଶକଙ୍କଠାରୁ ଭଲ ପ୍ରତିକ୍ରିୟା ପାଇ ନଥିଲା ଏବଂ ତେଣୁ ବକ୍ସ ଅଫିସରେ କୌଣସି ସଫଳତା ପାଇପାରିଲା ନାହିଁ। ୮୦କୋଟି ବଜେଟରେ ନିର୍ମିତ ବଲିଉଡ୍ ହଙ୍ଗାମା ଅନୁଯାୟୀ, ବାଗୀ ୪ ଘରୋଇ ବକ୍ସ ଅଫିସରେ ପ୍ରାୟ ୪୭.୪୦ କୋଟି ରୋଜଗାର କରିଥିଲା। ସେହିପରି ଏହା ବିଦେଶରେ କେବଳ ୯.୯୬ କୋଟି ରୋଜଗାର କରିଥିଲା। ସେହିପରି ଏହାର ବିଶ୍ୱବ୍ୟାପୀ ଆୟ ମାତ୍ର ୬୬.୩୯ କୋଟି ଥିଲାୟ ପ୍ରକାଶ ଥାଉକି, ବାଗୀ ୪ ରେ ଟାଇଗର ଶ୍ରଫଙ୍କ ସହ ହରନାଜ କୌର ସନ୍ଧୁ, ସୋନମ ବାଜୱା ଏବଂ ସଞ୍ଜୟ ଦତ୍ତ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଶ୍ରେୟସ ତଳପଡେ ମଧ୍ୟ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏହା ଏ. ହର୍ଷଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲ ।

## ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଖାଆନ୍ତୁ ସଜନା ଶାଗ

ମୋବାଇଲ କମ୍ପ୍ୟୁଟରର ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା ଆଖି ଜନିତ ସମସ୍ୟା ଦେଖାଦେଇଥାଏ । ମୋବାଇଲ ଓ କମ୍ପ୍ୟୁଟରରୁ ବାହାରୁଥିବା ଆଲୋକ ଦୃଷ୍ଟି ଶକ୍ତିକୁ କମ୍ କରିଥାଏ । ହେଲେ କିଛି ଘରୋଇ ଉପଚାର ଦ୍ୱାରା ଆଖିର ଦୃଷ୍ଟିଶକ୍ତି ବଢିପାରିବ । ଆସନ୍ତୁ ଜାଣିବା ଏହି ଘରୋଇ ଉପଚାର ବିଷୟରେ

ସଜନା ଶାଗ: ବାଡି ବଗିଚାରେ ମିଳୁଥିବା ସଜନା ଶାଗ ଶରୀର ପାଇଁ ବେଶ ଉପକାରୀ । ଆଖିର ଦୃଷ୍ଟିଶକ୍ତି ବଢାଇବା ପାଇଁ ବେଶ ସହାୟକ ହୋଇଥାଏ ସଜନା ଶାଗ । ଶାଗରେ ପ୍ରଚୁର ପରିମାଣରେର ଆଇରନ ଥିବାରୁ ଆଖି ପାଇଁ ଏହା ଉପକାରୀ ।

ଗାଜର: ଗାଜରରେ ଭିଟାମିନ-ଏ ଥାଏ । ଏଣୁ ଏହାକୁ ପ୍ରତିଦିନ ଖାଇବା ଦ୍ୱାରା ବା ଜୁସ୍ ପିଇବା ଦ୍ୱାରା ଦୃଷ୍ଟିଶକ୍ତି ବଢେ ।

ଦେଶୀ ଘିଅ : ଆଖି ପାଇଁ ଦେଶୀ ଘିଅ ଖୁବ ଉପଯୋଗୀ । କାନ ପଟିରେ ଦେଶୀ ଘିଅ ହାଲକା ଭାବେ ପ୍ରତିଦିନ ୫-୧୦ ମିନିଟ ମସାଜ କଲେ ଆଖିର ଦୃଷ୍ଟିଶକ୍ତି ବଢିଥାଏ ।

ବାଦାମ: ପ୍ରତିଦିନ ରାତିରେ ୬-୭ଟି ବାଦାମ ପାଣିରେ ଭିଜାଇ ରଖନ୍ତୁ । ଏହାକୁ ସକାଳେ ଚୋପା ଛଡେଇ ଖାଇଲେ ଆଖି ପାଇଁ ଭଲ ।

ଜିରା : ଜିରା ଓ ମିଶ୍ରୀକୁ ସମାନ ମାତ୍ରାରେ ଗୁଣ୍ଡ କରି ପ୍ରତିଦିନ ଏକ ଚାମଚ ଘିଅ ସହ ଖାଇଲେ ଆଖିର ଦୃଷ୍ଟିଶକ୍ତି ବଢାଇଥାଏ ।

ସୋରିଷ ତେଲ : ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ତଳି ପାଦରେ ସୋରିଷ ତେଲ ମାଲିସ କଲେ ଭଲ । ଏହା ମଧ୍ୟ ଆଖିର ଦୃଷ୍ଟି ଶକ୍ତି ବଢାଇବାରେ ସାହାଯ୍ୟ କରିବ ।

ଗ୍ରୀନଟି: ଦିନକୁ ୨ରୁ୩ କପ ଗ୍ରୀନ ଟି ପିଅନ୍ତୁ, ଆଖିକୁ ସୁସ୍ଥ ରଖନ୍ତୁ ।

## ଅଳେଇଚରେ ରହିଛି ଅନେକ ଔଷଧୀୟ ଗୁଣ



ରୋଷେଇ ଘରେ ମସଲା ଭାବରେ ବ୍ୟବହୃତ ହେଉଥିବା ଜିନିଷ ହେଉଛି ଅଳେଇଚ । କେବଳ ରୋଷେଇ ନୁହେଁ, ଶରୀରରେ ହେଉଥିବା ବିଭିନ୍ନ ରୋଗକୁ ବି ଅଳେଇଚ ଭଲ କରିଥାଏ । କାରଣ ଏଥିରେ ଔଷଧୀୟ ଗୁଣ ବି ଭରି ରହିଛି । ଆସନ୍ତୁ ଜାଣିବା ଅଳେଇଚ ଖାଇଲେ, ଶରୀରକୁ କେଉଁସବୁ ଲାଭ ମିଳିଥାଏ ।

■ ନିୟମିତ ଭାବରେ ଅଳେଇଚ ଖାଇବା ଦ୍ୱାରା ହାର୍ଟ ସୁସ୍ଥ ରହିଥାଏ। ଏଥି ସହିତ ବ୍ଲଡ ପ୍ରେସର ମଧ୍ୟ ନିୟନ୍ତ୍ରିତ ରହିଥାଏ।

■ କଳା ଅଳେଇଚ ଖାଇଲେ ପେଟରେ ଏସିଡର ମାତ୍ରା ନିୟନ୍ତ୍ରିତ ରହିଥାଏ। ଫଳରେ ଗ୍ୟାଷ୍ଟିକ ଓ ଅଲସର ପରି ସମସ୍ୟା ଦୂର ହୋଇଥାଏ।

■ ଶ୍ୱାସ ଜନିତ ସମସ୍ୟାକୁ ଥିଲେ ଅଳେଇଚ ଖାଆନ୍ତୁ । ଏହାଦ୍ୱାରା ଶ୍ୱାସ, କାଶ ସହିତ ଯକ୍ଷ୍ମାରୋଗର ଆଶଙ୍କା କମ୍ ହୋଇଥାଏ।

■ ଦାନ୍ତ ସଂକ୍ରମଣ, ଦାନ୍ତ ବିନ୍ଧିବା, ଦାନ୍ତରୁ ରକ୍ତ ବାହାରିବା ଓ ମାଢି ଦରଜ ହେବା ଭଳି ସମସ୍ୟା ଥିଲେ ଅଳେଇଚ ଖାଆନ୍ତୁ । ପାଟିରୁ ଗନ୍ଧ ବାହାରୁଥିଲେ ଅଳେଇଚ ଖାଇଲେ ଲାଭ ମିଳିଥାଏ ।

■ ଅଳେଇଚରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି । ତେଣୁ କେଶ ଝଡିବା ଓ ରୂପି ସମସ୍ୟାକୁ ଅଳେଇଚ ଦୂର କରିଥାଏ ।

■ ପ୍ରତିଦିନ କଳା ଅଳେଇଚ ଖାଇଲେ ପରିସ୍ରା ଜନିତ ରୋଗ ଭଲ ହୋଇଥାଏ ।

■ ଅଳେଇଚରେ ଜୀବାଣୁନାଶକ ଗୁଣ ରରହିଛି । ତେଣୁ କୁଣ୍ଡିଆ ରୋଗ ଓ ଆଲର୍ଜି ପରି ସଂକ୍ରମଣକୁ ଭଲ କରିବା ପାଇଁ ଅଳେଇଚ ଲାଭଦାୟକ ।

## କଟକର ଅଧୀଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀ............



କଟକର ଅଧୀଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' କଟକ ଚଣ୍ଡୀ । ତାଙ୍କୁ ନେଇ କଟକ ସହର ପରିଚିତ। ଏହି ସହରର ଶେଖ ବଜାରରେ ରହିଛି ମା'ଙ୍କର ଏହି ମନ୍ଦିର । ମା'ଙ୍କ ମନ୍ଦିର ନିର୍ମାଣ ପଛର କିମ୍ବଦନ୍ତୀ ଓ ମା' କିପରି ଅର୍ବିଭାବ ହୋଇଥିଲେ ଏହାକୁ ନେଇ ବିଭିନ୍ନ କାହାଣୀ ଶୁଣିବାକୁ ମିଳେ।କିଏ କୁହନ୍ତି ମରହଟ୍ଟା ଶାସନ କାଳରେ ମା' ବାରବାଟୀ ଦୁର୍ଗ ମଧରେ ପୂଜା ପାଉଥିଲେ । ଶୋଡୋଶ ଶତାବ୍ଦୀରେ କଳାପାହାଡର ଆକ୍ରମଣ ବେଳେ ମା' ନିଜ ସ୍ଥାନରୁ ହଟି ଦୁର୍ଗର ଦକ୍ଷିଣ ପାଶ୍ୱରେ ରହିଥିଲେ । କିଛି ସ୍ଥାନୀୟ ଲୋକ କୁହନ୍ତି ବହୁ ବର୍ଷ ପୂର୍ବେ ବାରବାଟୀ ଦୁର୍ଗର ଜଙ୍ଗଲ ଅଞ୍ଚଳକୁ ଗାଈ ଚରାଇବାକୁ ଯାଉଥିଲେ ଶେଖ ବଜାର ଅଞ୍ଚଳର ଗଉଡ଼ ପୁଅ ମାନେ । ଦିନେ ଜଣେ ଗଉଡ଼ ଦୁର୍ଗ ଉପରେ ବସିଥିବା ବେଳେ ତାଙ୍କ ଶରୀରରେ ଏକ ଅପୂର୍ବ ଶୀହରଣ ଖେଳି ଯାଇଥିଲା । ସେଦିନ ରାତିରେ ଗଉଡ଼ ପୁଅକୁ ମା' ସ୍ୱପ୍ନରେ କହିଥିଲେ ସେହି ଦୁର୍ଗର ପଥର ତଳେ ମା' ରହିଛନ୍ତି । ସେ ଭକ୍ତ ଜଣକ ମନ୍ଦିର ପୂଜକକୁ ଜଣାଇଥିଲେ ଓ ପୂଜକ ଜଣକ ରାଜାଙ୍କୁ ଜଣାଇ ଥିଲେ । ସେତେବେଳର କନିକା ରାଜା ସେହି ଦୁର୍ଗରସ୍ଥାନ ଖୋଳାଇବାରୁ ମା' ଙ୍କ ମୁର୍ତ୍ତି ବାହାରିଥିଲା । ସେଠୁ ମା' ଗଉଡ଼ ମାନଙ୍କ ମୁଣ୍ଡରେ ବସି ଆସିଥିଲେ । ଆସୁଥିବା ସମୟରେ ମା'ଏବେକାର ଚଣ୍ଡୀ ଛକ ନିକଟରେ ଅଟକି ଯାଇଥିଲେ। ସେଠାରୁ ମା' ଙ୍କୁ ନେବାକୁ ଆଉ ସମ୍ଭବପର ହୋଇପାରିନଥିଲା ।ତେଣୁ ସେହି ଛକ ନିକଟରେ ଥିବା ବଉଳ ଗଛ ମୁଳରେ ମା'ଙ୍କ ମୁର୍ତ୍ତି ସ୍ଥାପନ ହେଲା ।ସେହିକାଳରୁ ମା' ଏହି ସ୍ଥାନରେ ପୂଜା ପାଇ ଆସୁଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ମା' ଙ୍କୁ ଦୁର୍ଗରୁ ଖୋଳାଯାଇ ବାହାର କରିବା ପୁର୍ବରୁ ସେହି ସ୍ଥାନରୁ ପ୍ରାୟ ୪୨ ବସ୍ତା ନାଲି ସିନ୍ଦୁର ବାହାରିଥିଲା । ଏହି ମନ୍ଦିରକୁ ପ୍ରତ୍ୟେକ ଦିନ ଅନେକ ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ଦୁର୍ଗାପୂଜା ସମୟରେ ମା' ଙ୍କ ଷୋହଳ ଦିନାତ୍ମକ ପୂଜା ଓ ଶୋଡ଼ଶ ବେଶ ଏହି ମନ୍ଦିରର ଏକ ବିଶେଷତା ଅଟେ ।

## ଦୀପାବଳିରେ କାହିଁକି ମା କାଳୀଙ୍କ ପୂଜା କରାଯାଏ

ଦୀପାବଳି (ଦିୱାଲି) କିମ୍ବା ଆଲୋକର ଉତ୍ସବ ଭାରତର ଏକ ଆକର୍ଷଣୀୟ ଉତ୍ସବ । ଏହି ଉତ୍ସବ ପ୍ରଭୁ କୃଷ୍ଣଙ୍କ ଦ୍ୱାରା ନାରକାସୁର ବଧର ସ୍ମୃତିରେ ପାଳିତ ହୋଇଥାଏ। କେରଳରେ ଏହି ଉତ୍ସବ କେତେକ ନିର୍ଦ୍ଦିଷ୍ଟ ଅଂଚଳରେ ବହୁ ଆଡମ୍ବରରେ



ପାଳିତ ହୋଇଥାଏ । ଦୀପାବଳି ଉତ୍ସବରେ ଲୋକେ ନୂଆ ପୋଷାକ ପିନ୍ଧିଥାନ୍ତି, ଘର ଓ ରାସ୍ତାଘାଟକୁ ଆଲୋକିତ କରି ମାଟି ଦୀପ ଜଳାଇଥାନ୍ତି ଏବଂ ମିଷ୍ଟାନ୍ନ ଆଦାନ ପ୍ରଦାନ କରିଥାନ୍ତି । ଏହା ପ୍ରଭୁ କୃଷ୍ଣଙ୍କ ଦ୍ୱାରା ନାରକାସୁର ବଧର ସ୍ମୃତିରେ ପାଳିତ ହୋଇଥାଏ । ଆଲୋକର ପର୍ବ ଦୀପାବଳିକୁ ଆମ ଦେଶରେ ଖୁବ୍ ଧୁମ୍ଧାମ୍ରେ ପାଳନ କରାଯାଏ। ଖାଲି ଦୀପାବଳି ନୁହେଁ ଏହି ଦିନରେ ବି ମା' କାଳୀଙ୍କର ହୁଏ ପୂଜାର୍ଚ୍ଚନା। ସାରା ଦେଶରେ ବହୁ ଆଡମ୍ବରରେ ପାଳନ କରାଯାଏ କାଳୀପୂଜା ।ଶାସ୍ତ୍ର ଅନୁସାରେ ଯେଉଁ ସମୟରେ ସ୍ୱର୍ଗରେ ଅଶୁରମାନଙ୍କର ଉତ୍ପାତ ବଢିବାରେ ଲାଗିଥିଲା ସେହି ସମୟରେ ଦେବୀ ଦୁର୍ଗା ଆର୍ବିଭାବ ହୋଇଥିଲେ । ଏହାପରେ ସମସ୍ତ ଦେବାଦେବୀଙ୍କ ଶକ୍ତିକୁ ନେଇ ଦେବୀ ଅଶୁରମାନଙ୍କ ସହ ଲଢିଲେ । ଶେଷରେ ମହିଶାସୁରକୁ ବଧ କରିବା ପରେ ଦୁର୍ଗା ଥକି ପଡିଥିଲେ । ତେଣୁ ମା'ଙ୍କର କେଶ ଅଡୁଆ ହୋଇ ପଡିଥିଲା । ଶାସ୍ତ୍ର ଅନୁସାରେ ଦୁର୍ଗାଙ୍କ କେଶରୁ ହିଁ କାଳୀଙ୍କର ଆର୍ବିଭାବ ହୋଇଥିଲା। ପରେ କାଳୀ ଭୟଙ୍କର ଭାବରେ କ୍ରୋଧାନ୍ୱିତ ହୋଇଥିଲେ। ତାଙ୍କୁ ଶାନ୍ତ କରିବା ପାଇଁ କାହାରି ପାଖରେ କୌଣସି ବିଦ୍ୟା ନଥିଲା। ଗୋଟିଏ ପରେ ଗୋଟିଏ ଅଶୁରର ମୁଣ୍ଡ କାଟିବା ସହ ତାଙ୍କ ମାଳକୁ ବେକରେ ପିନ୍ଧିଥିଲେ ମା' । ଏପରି କରାଳ ରୂପ ଦେଖି ସ୍ୱୟଂ ଭଗବାନ ଶିବ ମଧ କିଛି ସମୟ ପାଇଁ ସ୍ତମ୍ଭୀଭୂତ ହୋଇଥିଲେ । ଶେଷରେ ମା'ଙ୍କୁ ଶାନ୍ତ କରିବା ପାଇଁ ଅନ୍ଧାରରେ ଶିବ ଏକ ସ୍ଥାନରେ ଶୋଇ ରହିଥିଲେ । ପରେ ମା' ଉଗ୍ରମୁଖୀ ହୋଇ ଗଲା ବେଳେ ଅନ୍ଧାର ହୋଇଥିବା କାରଣରୁ ସ୍ୱାମୀଙ୍କ ଉପରେ ଚଢି ଯାଇଥିଲେ । ପରେ ଯେତେବେଳେ ଦେଖିଲେ ନିଜ ସ୍ୱାମୀର ଛାତି ଉପରେ ଗୋଡ ରଖିଛନ୍ତି ତାହା ପରେ ଜିଭ କାମୁଡି ଦେବା ସହ ଶାନ୍ତ ହୋଇପଡିଥିଲେ ୟ ସେହି ସମୟରେ ମା'ଙ୍କୁ ଅନେକ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସେହି ଦିନଠାରୁ ହିଁ ମା'ଙ୍କର ପୂଜାର୍ଚ୍ଚନା କାର୍ତିକ ମାସ ଆମାବାସ୍ୟାରେ କରାଯିବାର ବିଧି ରହିଛି।

# ଉଦ୍ୟୋଗୀକରଣର ନୂତନ ହବ ହେବ ଓଡ଼ିଶା



**ଭୁବନେଶ୍ୱର,୧୯।୧୦ (ମହାଭାରତ):** ଓଡ଼ିଶାର ନବୀକରଣ ଏବଂ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରିଛି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ। ଭାରତ ସରକାରଙ୍କ ନୀତି ଆୟୋଗ ଅଧିନସ୍ଥ ଅଟଳ ଇନୋଭେସନ୍ ମିଶନ୍ ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଅଟଳ ଇନ୍‌କ୍ୟୁବେସନ ସେଂଟର- ସୋଆ ଫାଉଣ୍ଡେସନ୍ ପ୍ରତିଷ୍ଠା କରିବା ନିମନ୍ତେ ସମ୍ମାନଜନକ ଅନୁଦାନ ମିଳିଛି। ଏହା ଏକ ଐତିହାସିକ ମୁହୂର୍ତ୍ତ ସୃଷ୍ଟି କରିବା ସହ ସୋଆ ଓଡ଼ିଶାରେ ତୃତୀୟ ଅଟଳ ଇନ୍‌କ୍ୟୁବେସନ୍ ସେଂଟର ପ୍ରତିଷ୍ଠା କରିଛି। ଯାହାକି ନବୀକରଣ ଓ ଉଦ୍ୟୋଗୀକରଣକୁ ନେଇ ବିକଶିତ ଭାରତ ୨୦୪୭ର ପରିକଳ୍ପନାକୁ ସଫଳ ରୂପାନ୍ତର କରିବା ନିମନ୍ତେ କାର୍ଯ୍ୟ କରିବ। ଏହି ମୁହୂର୍ତ୍ତକୁ ଉତ୍ସବମୁଖର କରିବା ନିମନ୍ତେ ଗତ ଗୁରୁବାର ଦିନ ଏଆଇସି ବୋର୍ଡ ରୁମ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏ କ୍ଷେତ୍ରରେ ଅନୁଦାନ ପ୍ରାପ୍ତ କରିବା ନିମନ୍ତେ ଆବେଦନ କରିବା ସମୟ ଠାରୁ ଅନୁଦାନ ପ୍ରାପ୍ତ ହେବାର ସଫଳତା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ଯାତ୍ରା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏ କ୍ଷେତ୍ରରେ ଫ୍ୟାକଲ୍ଟି ମେମ୍ବର ଏବଂ ନେତୃବର୍ଗଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ କୁଳପତି ପ୍ରଶଂସା କରିଥିଲେ। ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦୂରଦର୍ଶୀ ମାର୍ଗଦର୍ଶନ ସମ୍ପର୍କରେ ଆଲୋକପାତ କରିବା ସହ ଗବେଷଣା, ନବୀକରଣ ଏବଂ ଉଦ୍ୟୋଗୀକରଣ କ୍ଷେତ୍ରରେ ତାଙ୍କର ପ୍ରତିବଦ୍ଧତା ବିଶ୍ୱବିଦ୍ୟାଳୟକୁ ଶିକ୍ଷା କ୍ଷେତ୍ରରେ ଜାତୀୟ ନେତୃତ୍ୱ ହାସଲ କରିବା ଦିଗରେ ଅଗ୍ରସର ହେବାକୁ ସାହାଯ୍ୟ କରିଛି ବୋଲି ପ୍ରଫେସର ନନ୍ଦ କହିଥିଲେ। କାର୍ଯ୍ୟକ୍ରମରେ ଏଆଇସି ସୋଆ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଯୋଗ ଦେଇ ଏଆଇସି-ସୋଆ ଫାଉଣ୍ଡେସନ୍ ସାରା ଓଡ଼ିଶା ସମେତ ପୂର୍ବ ଭାରତର ଉଦ୍ୟୋଗୀକରଣ ଦିଗରେ ସହାୟକ ହେବା ସହ ହେଲ୍‌ଥଟେକ୍, ଏଗ୍ରିଟେକ୍, ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ/ମେସିନ୍ ଲର୍ଣ୍ଣିଂ, କ୍ଲିନ୍‌ଟେକ୍ ଏବଂ ସାମାଜିକ ନବୀକରଣ କ୍ଷେତ୍ରର ଷ୍ଟାର୍ଟ-ଅପ୍ ଗୁଡ଼ିକ ନିମନ୍ତେ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡେପୁଟି ଜେନେରାଲ ମ୍ୟାନେଜର (ଇନୋଭେସନ୍ ଆଣ୍ଡ ଏଏମ୍‌ପି, ଏନ୍‌ଟରପ୍ରିନ୍ୟୁଅରସିପ୍) ରାଜୀବ କୁମାର, ଅଟଳ ଇନୋଭେସନ୍ ମିଶନ୍‌ର ବିସ୍ତୃତ ଲକ୍ଷ୍ୟ ସମ୍ପର୍କରେ ଅଭିମତ ରଖିଥିଲେ। ୨୦୨୨ ମସିହାରେ ଏଆଇସି –ସୋଆ ଫାଉଣ୍ଡେସନ୍‌ର ଯାତ୍ରା ଆରମ୍ଭ ହୋଇଥିବା ବେଳେ ଏଥିରେ ପ୍ରଫେସର ଗୌତମ ରଥ, ଡକ୍ଟର ମନୀଷା ଆଚାର୍ଯ୍ୟ, ପ୍ରଫେସର ନରେଶ ସାହୁ, ପ୍ରଫେସର ରେଣୁ ଶର୍ମା, ସ୍କିଲ ଡେଭେଲପମେଂଟ ଆଣ୍ଡ କର୍ପୋରେଟ ରିଲେସନ୍‌ର ଡିଜିଏମ୍ ଅଶୋକ ନାୟକ ଏବଂ ବିଶ୍ୱବିଦ୍ୟାଳୟର ନେତୃବର୍ଗଙ୍କର ଉତ୍ସର୍ଗୀକୃତ ଅବଦାନ ରହିଛି।

# କୃଷି ମହାବିଦ୍ୟାଳୟର ସ୍ୱତନ୍ତ୍ର ଏନଏସ୍‌ଏସ୍ ଶିବିର

**ଭୁବନେଶ୍ୱର,୧୯।୧୦ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ମହାବିଦ୍ୟାଳୟ ପକ୍ଷରୁ ଏନଏସ୍‌ଏସ୍‌ର ଏକ ୭-ଦିନିଆ ସ୍ୱତନ୍ତ୍ର ଶିବିର ସରଦେଇପୁର ଗ୍ରାମରେ ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ଏନ୍‌ଏସ୍‌ଏସ୍‌ର ଆଂଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡଃ ରମେଶ ଚନ୍ଦ୍ର ବେହେରା, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଏନଏସଏସ୍ ସଂଯୋଜକ ଡଃ କମଳ ଲୋଚନ ମହନ୍ତ, କୃଷି ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ସରୋଜ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ଶତାଧିକ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ସତ୍ୟନାରାୟଣ ଶତପଥି ଓ ଡଃ ଶ୍ୱେତା ରଥଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ଆଲୋଚନା କରିଥିଲେ। ଏହି ଶିବିରରେ ସ୍ୱଚ୍ଛତା ଅଭିଯାନ, ସଚେତନତା ରାଲି, ସ୍ୱାସ୍ଥ୍ୟ ପରୀକ୍ଷା, ବୃକ୍ଷ ରୋପଣ ଅଭିଯାନ ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ ସମ୍ମିଳିତ ରହିଛି। ଏଥିରେ ଅନ୍ୟ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନେହା ପ୍ରଧାନ ଓ ଡ଼ଃ ନିତିଶି କୁମାର ଜେନା ଯୋଗ ଦେଇଥିଲେ। ପ୍ରାୟ ୧୦୦ ଜଣ ଏନଏସ୍‌ଏସ୍‌ର ସ୍ୱେଚ୍ଛାସେବକ ଏଥିରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ଜାତୀୟ ସେବା ଯୋଜନାର ମନ୍ତ୍ରକୁ ପାଳନ କରିବାର ଶପଥ ନେଇଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମର ଶେଷରେ ଏନଏସ୍‌ଏସ୍‌ର ସ୍ୱେଚ୍ଛାସେବକମାନଙ୍କ ଦ୍ୱାରା ଦୁଇଟି ରାଲି ଆୟୋଜିତ ହୋଇଥିଲା।



# 'ଇସ୍କନ'କୁ ବ୍ୟାନ୍ ଦାବିରେ ବିକ୍ଷୋଭ

**ଭୁବନେଶ୍ୱର,୧୯।୧୦ (ମହାଭାରତ):** ଚଳିତ ମାସ ୭ ତାରିଖ ଦିନ ଶରଦ ପୂର୍ଣ୍ଣିମା ଅବସରରେ ଉତ୍ତରାଖଣ୍ଡର ମଧୁବନ ରିଶିକେଶରେ ଇସ୍କନ୍ ପକ୍ଷରୁ ୨୮ତମ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଅଛି । ପୂର୍ବରୁ ଆମେରିକା, ଇଂଲଣ୍ଡ ଓ ସାଉଥ୍‌ଆଫ୍ରିକା ଭଳି ଦେଶରେ ଇସ୍କନ୍ ପକ୍ଷରୁ ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେଲାପରେ ଜଗନ୍ନାଥ ମନ୍ଦିର ପ୍ରଶାସନ, ପୂଜ୍ୟ ଶଙ୍କରାଚାର୍ଯ୍ୟ, ମହାରାଜା ଦିବ୍ୟସିଂହଦେବ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସର୍ବୋପରି ଓଡ଼ିଶା ସରକାର ଅଦନିଆ ରଥଯାତ୍ରା ନ କରିବା ପାଇଁ ଇସ୍କନ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଏଭଳିକି ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଗତ ଦୁଇ ମାସ ତଳେ ଅନୁଷ୍ଠିତ ବୈଠକରେ ଅଦିନିଆ ରଥଯାତ୍ରା କଲେ ଓ ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବ ପାସ୍ କରାଯାଇଥିଲା । ନିଜେ ଗଜପତି ମହାରାଜା ଇସ୍କନ୍ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅଦିନିଆ ରଥଯାତ୍ରା ନ କରିବା ପାଇଁ ମଧ୍ୟ ଅନୁରୋଧ କରିଥିଲେ । କିନ୍ତୁ ଦୁଃଖର କଥା ଓଡ଼ିଶା ସରକାରଙ୍କର ଅନୁରୋଧକୁ ବେଖାତିର କରି, ନିବେଦନକୁ ଏଡ଼ାଇଯାଇ ଇସ୍କନ୍ କର୍ତ୍ତୃପକ୍ଷ ମଧୁବନ ରିଶିକେସ୍, ଉତ୍ତରାଖଣ୍ଡଠାରେ ଅଦିନିଆ ରଥଯାତ୍ରା କରାଇବା ଓଡ଼ିଆ ଅସ୍ମିତା ପ୍ରତି ଓ ଜଗନ୍ନାଥ ସଂସ୍କୃତି ପ୍ରତି ଚରମ ଅପମାନ ବୋଲି ଓଡ଼ିଆ ଅସ୍ମିତା ପରିଷ ଅଭିଯୋଗ କରିଛି । ପରିଷଦର ଆବାହକ ରବି ବେହେରାଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଇସ୍କନ୍‌ର ଏହି ଅଦିନିଆ ରଥଯାତ୍ରା ପ୍ରତିବାଦରେ ଏକ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ହରିବାବୁ କମ୍ଭମପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ଶୁଭା ଶର୍ମାଙ୍କ ମିସେସ ହାପିଲି ସିଙ୍ଗିଲ ପୁସ୍ତକ ଆଲୋଚନାଚକ୍ର




**ଭୁବନେଶ୍ୱର,୧୯।୧୦ (ମହାଭାରତ):** ବରିଷ୍ଠ ପ୍ରଶାସନିକ ସେବା ଅଧିକାରୀ ଶୁଭା ଶର୍ମାଙ୍କ ଲେଖାରେ ରହିଛି ଅନନ୍ୟ ମୌଳିକତା। ତାଙ୍କ ଉପନ୍ୟାସର ଭାଷା, ଲେଖାଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର। ତାଙ୍କ ଉପନ୍ୟାସର ଚରିତ୍ର ସମାଜକୁ ଏକ ନୂତନ ଦିଗଦର୍ଶନ ପ୍ରଦାନ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଜି ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ଠାରେ ବରିଷ୍ଠ ପ୍ରଶାସନିକ ସେବା ଅଧିକାରୀ ତଥା ମହିଳା ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ରଚିତ ଉପନ୍ୟାସ ମିସେସ ହାପିଲି ସିଙ୍ଗଲ ପୁସ୍ତକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଲେଖକ ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଟି. କେ. ମିଶ୍ର, ଧରିତ୍ରୀ ଏବଂ ଓଡିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ଆଦ୍ୟାଶା ଶତପଥୀ, ପ୍ରସିଦ୍ଧ ଲେଖକ ସତ୍ୟ ମିଶ୍ର, ଓଡିଶା ସାହିତ୍ୟ ଏକାଡେମୀର ସଚିବ ସି. ଏସ. ହୋତା ଓ ପ୍ରଶାସନିକ ସେବା ଅଧିକାରୀବୃନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପୁସ୍ତକକୁ ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ପୁସ୍ତକ ଆଲୋଚନା କାର୍ଯ୍ୟକ୍ରମରେ ମଧ ଅଂଶଗ୍ରହଣ କରିଥିଲେ।

# ବିଏମ୍‌ସି ପକ୍ଷରୁ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ

**ଭୁବନେଶ୍ୱର,୧୯।୧୦ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ସେମାନଙ୍କୁ ସୁଲଭ ଆବାସ ଯୋଜନାରେ ଲଟେରୀ ମାଧ୍ୟମରେ ୪୪ ଗୋଟି ପରିବାରକୁ ଗୃହ ଆବଣ୍ଟନ କରାଯାଇଛି । ଏହି ପରିବାରଗୁଡିକୁ ଚନ୍ଦ୍ରଶେଖରପୁର ଅନ୍ତର୍ଗତ ବୁଦ୍ଧ ବିହାର ଆବାସ ପ୍ରକଳ୍ପକୁ ସ୍ଥାନାନ୍ତର କରିବା ପାଇଁ ବିଏମ୍ ସି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ।

ସ୍ଥାନାନ୍ତର ହେବାକୁ ଥିବା ପରିବାରଗୁଡିକର ପ୍ରାଥମିକ ସର୍ଭେ କରାଯାଇଥିଲା । ସେହି ସର୍ଭେ ଫଳାଫଳକୁ ଆଧାର କରି, ୨୭୪ ଜଣ ହିତାଧିକାରୀଙ୍କୁ ଚନ୍ଦ୍ରଶେଖରପୁର (ବୁଦ୍ଧ ବିହାର) ରେ ଏଏଚ୍. ପି. ଘର ଆବଣ୍ଟନ ପାଇଁ ଅସ୍ଥାୟୀ ଭାବେ ଚୟନ କରାଯାଇଛି। ସେମାନଙ୍କ ସମସ୍ତ କାଗଜାତ ଯାଞ୍ଚ ପରେ ଗୃହ ପ୍ରଦାନ କରାଯିବ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି । ଉଚ୍ଛେଦ ଏବଂ ପୁନର୍ବାସ ନିୟମ ଅନୁଯାୟୀ, ସ୍ଥାନାନ୍ତର ସମୟରେ ପ୍ରଭାବିତ ପରିବାରଙ୍କୁ ମୌଳିକ ଜରୁରୀ ସହାୟତା ଯୋଗାଇଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ସେମାନଙ୍କର ପରିବହନ, ୩ ଦିନ ପାଇଁ ଖାଦ୍ୟ ସୁବିଧା, ସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଏବଂ ଟିପିସିଓଡିଏଲ ଓ ୱାଟକୋ ପରି ସମ୍ପୃକ୍ତ ଏଜେନ୍ସି ସହିତ ସମନ୍ୱୟ ରକ୍ଷା କରି ଜଳ ଯୋଗାଣ ବ୍ୟବସ୍ଥା ମଧ କରାଯାଇଅଛି। ଆବଣ୍ଟିତ ଗୋଟିଏ ଗୋଟିଏ ଗୃହର ଦାମ ୬ ଲକ୍ଷ ଟଙ୍କା । ହିତାଧିକାରୀ ମାତ୍ର ଟ ୧,୫୦,୦୦୦/-ଙ୍କା ଦେଇ ଏହି ଗୃହ ନେଇପାରିବେ । ଯେଉଁମାନେ ଏହି ଦେଢ ଲକ୍ଷ ଟଙ୍କା ଦେବାକୁ ଅସମର୍ଥ, ସେମାନେ ମାତ୍ର ୧୫ ହଜାର ଟଙ୍କା ଦେଇ ଅବଶିଷ୍ଟ ଟଙ୍କା ବ୍ୟାଙ୍କରୁ ଋଣ କରି ପାରିବେ । ସେଥିପାଇଁ ବଛା ବଛା ବ୍ୟାଙ୍କ ସହିତ ଯୋଗାଯୋଗ କରି ବ୍ୟାଙ୍କ ଋଣ ନିମନ୍ତେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ଋଣ ସହାୟତା ବ୍ୟବସ୍ଥାକୁ ସହଜ ଓ ସରଳ କରିବା ପାଇଁ ଏଚଡିଏଫ୍ ସି. ବ୍ୟାଙ୍କ ଏବଂ ବିଏମ୍ ସି ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍. ଓ. ୟୁ.) ଆଜି ସ୍ୱାକ୍ଷରିତ ହୋଇଛି ।

ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣା, ସ୍ଲମ ସେଟଲମେଣ୍ଟ ଷ୍ଟାଣ୍ଡିଂ କମିଟିର ଅଧକ୍ଷା ଶ୍ରୀମତୀ ମହାମାୟା ସ୍ୱାଇଁ, କର୍ପୋରେଟର ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ, ଏଚଡିଏଫ୍ ସି ବ୍ୟାଙ୍କର ବରିଷ୍ଠ ଉପସଭାପତି ତଥା ଜୋନାଲ ମୁଖ୍ୟ ଶ୍ରୀ ଅର୍ଜ୍ଜୁନାନନ୍ଦ ବାଗ୍ ଓ ବରିଷ୍ଠ ଉପସଭାପତି ତଥା କ୍ଲଷ୍ଟର ମୁଖ୍ୟ ଶ୍ରୀ ସୁଶାନ୍ତ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଏମ୍ ସି ଓ ଏଚଡିଏଫର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମଧ ଉପସ୍ଥିତ ଥିଲେ । କମିଶନର ଶ୍ରୀ ଚଞ୍ଚଳ ରାଣା କହିଥିଲେ ଯେ, କୌଣସି ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବାଦ ପଡିବେ ନାହିଁ କି ଅଯୋଗ୍ୟ ହିତାଧିକାରୀଙ୍କୁ କୌଣସି ପରିସ୍ଥିତିରେ ମଧ ଗୃହ ପ୍ରଦାନ କରାଯିବ ନାହିଁ ।

# ନୂଆପଡାରେ ଭୋଟ ଗଣତି କେନ୍ଦ୍ର ଓ ବୁଥ ପରିଦର୍ଶନ କଲେ ସିଇଓ



**ଭୁବନେଶ୍ୱର,୧୯।୧୦ (ମହାଭାରତ):** ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ. ଗୋପାଳନ ଶନିବାର ଦିନ ନୂଆପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ୍ ଓ ଭିଭିପାଟ ଗୋଦାମ ଗୃହ ପରିଦର୍ଶନ କରିବା ସହିତ ଆଗାମୀ ଉପନିର୍ବାଚନର ନେସନାଲ କଲେଜସ୍ଥିତ ଭୋଟ ଗଣତି କେନ୍ଦ୍ର ଇଭିଏମ୍ ଓ ଭିଭିପାଟ ଷ୍ଟ୍ରଙ୍ଗ ରୁମ୍ ପରିଦର୍ଶନ ସହ ସାମ୍ପ୍ରତିକ ସ୍ଥିତି, ସଂରଚନା, ସୁରକ୍ଷା ବ୍ୟବସ୍ଥା ଆଦିର ସବିଶେଷ ନୀରିକ୍ଷଣ କରିଥିଲେ। ଏହାପରେ ନୂଆପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବୁଥ ପରିଦର୍ଶନ କରିବା ସହ ବୁଥ ମାନଙ୍କରେ ମତଦାତାଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ମୌଳିକ ସୁବିଧାର ତଦାରଖ କରିଥିଲେ। ଜିଲ୍ଲା ପ୍ରଶାସନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ଜିଲ୍ଲାପାଳ ମଧୁସୂଦନ ଦାଶ ସିଇଓଙ୍କୁ ଏହି ପରିଦର୍ଶନ ସମୟରେ ଅବଗତ କରାଇଥିଲେ। ପରିଦର୍ଶନ ସମୟରେ ଅତିରିକ୍ତ ସିଇଓ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଉତ, ଉପଜିଲ୍ଲାପାଳ ସୁର୍ମି ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ନୀତିନିୟମ, ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର ପ୍ରୟୋଗାତ୍ମକ ଦିଗ ସମ୍ପର୍କରେ ଗୋପାଳନ ଅଧିକାରୀ ମାନଙ୍କୁ ଅବଗତ କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଅଧିକାରୀ ଉପନିର୍ବାଚନର ସମସ୍ତ କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନା କରି ମତଦାତା ତାସହ ନିର୍ବାଚନ ଆୟୋଗଙ୍କ ପ୍ରଶଂସାର ପାତ୍ର ହେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ସରକାର ବିଫଳ: ବିଜେଡି

**ଭୁବନେଶ୍ୱର,୧୯।୧୦ (ମହାଭାରତ):** ରାଜଧାନୀ ଭୁବନେଶ୍ୱରର ଅଶୋକ ନଗର ଅଞ୍ଚଳରେ ଗୋଟିଏ ୧୭ ବର୍ଷୀୟ ଝିଅର ଗଣଦୁଷ୍କର୍ମ ଘଟଣା ଗତକାଲି ଲୋକଲୋଚନକୁ ଆସିବା ପରେ ଆଜି ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗ ଉପରେ ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ମହିଳା ଜନତା ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀମତୀ ସୁମିତ୍ରା ଜେନା ଏବଂ ସାଧାରଣ ସମ୍ପାଦକ ଶ୍ରୀମତୀ ରଞ୍ଜିତା ସାହୁ, ଗତ ୧୬ ମାସର ବିଜେପି ଶାସନରେ, ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରଥିଲେ । ଶ୍ରୀମତୀ ସୁଲତା ଦେଓ କହିଥିଲେ, ରାଜଧାନୀ ଭୁବନେଶ୍ୱରର ଛାତି ଉପରେ, ଅଶୋକ ନଗର ଅଞ୍ଚଳରେ, ଗୋଟିଏ ୧୭ ବର୍ଷର ଝିଅକୁ ଗଣଦୁଷ୍କର୍ମ କରି ମୁମୂର୍ଷୁ ଅବସ୍ଥାରେ ଫିଙ୍ଗି ଦିଆଯାଉଛି, କିନ୍ତୁ ପୋଲିସ ପ୍ରଶାସନ ଜାଣି ପାରୁନି। ରାଜଧାନୀର ଛାତି ଉପରେ ଯଦି ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ସକ୍ଷମ ନୁହଁନ୍ତି, ତାହେଲେ ଅନ୍ୟ ଜାଗାରେ କିଭଳି ସୁରକ୍ଷା ପ୍ରଦାନ କରି ପାରିବେ। ରାଜ୍ୟରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ପ୍ରତିଦିନ ଖବର କାଗଜରେ ଶିରୋନାମା ପାଲଟୁଛି । ରାଜ୍ୟରେ ଗତ ୧୬ ମାସରେ ୩୭,୭୫୦ରୁ ଉର୍ଦ୍ଧ୍ୱ ମହିଳା ନିର୍ଯ୍ୟାତନା ମାମଲା ରୁଜୁ ହୋଇଛି । ଯାହା ଭିତରେ, ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଇତ୍ୟାଦି ଘଟଣା ରହିଛି। ବିରୋଧୀ ଦଳମାନଙ୍କ ତରଫରୁ ଏଥିନେଇ ବିଧାନସଭାରେ ଓ ବାହାରେ ସ୍ୱର ଉତ୍ତୋଳନ କରାଯାଇ ଆସୁଥିଲେ ମଧ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି।

# ବାକାର୍ଡି ଇଣ୍ଡିଆର ଲିଗାସି ହ୍ୱିସ୍କି ପକ୍ଷରୁ ପାର୍ବଣ ଋତୁ ପାଇଁ ସିଜିନ୍ ପ୍ୟାକ୍

**ଭୁବନେଶ୍ୱର,୧୯।୧୦ (ମହାଭାରତ):** ବାକାର୍ଡି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଲିଗାସି ପ୍ରିମିୟମ୍ ଇଣ୍ଡିଆନ୍ ହ୍ୱିସ୍କି ପାର୍ବଣ ଋତୁ ପାଇଁ ସିଜିନ୍ ପ୍ୟାକ୍ ସୀମିତ-ସଂସ୍କରଣ ଉନ୍ମୋଚନ କରିଛି। ଭାରତର ବିବିଧତାକୁ ଦୃଷ୍ଟିରେ ରଖି ଏହାକୁ ଡିଜାଇନ୍ କରାଯାଇଛି। ପ୍ରତ୍ୟେକ ପ୍ୟାକ୍ ଏକ ଭିନ୍ନ ରାଜ୍ୟରୁ ପ୍ରେରଣା ଆଣିଛି। ଆକର୍ଷଣୀୟ, ଅଭିନବ ପ୍ୟାକେଜିଂ ମାଧ୍ୟମରେ ଆଂଚଳିକ କଳା ଏବଂ ସାଂସ୍କୃତିକ କାହାଣୀଗୁଡ଼ିକୁ ସୂଚିତ କରୁଛି। ଏଥିରେ ମଧ୍ୟପ୍ରଦେଶର ଚାନ୍ଦେରୀ ବୟନଶିଳ୍ପଠାରୁ ରାଜସ୍ଥାନର ପିଚୱାଇ ଏବଂ କ୍ଷୁଦ୍ର ଚିତ୍ରକଳା ପର୍ଯ୍ୟନ୍ତ ଏଥିରେ ସ୍ଥାନୀତ ହୋଇଛି। ଏଥିରେ ଭାରତର ସମୃଦ୍ଧ କଳାତ୍ମକ ଐତିହ୍ୟ ପରମ୍ପରାକୁ ପାର୍ବଣ ଋତୁରେ ମିଶ୍ରଣ କରା ଯିବାର ପ୍ରୟାସ କରାଯାଇଛି। ଏହି ଅବସରରେ ବାକାର୍ଡି ଇଣ୍ଡିଆର ଘରୋଇ ଡାର୍କ ସ୍ପିରିଟ୍ସର ବରିଷ୍ଠ ବ୍ରାଣ୍ଡ ଲିଡ୍‌ର ଶ୍ରୀକାନ୍ତ ଦାଶ କହିଲେ, ଲିଗାସି ହ୍ୱିସ୍କି ସହିତ, ଆମେ ଭାରତର ପ୍ରିମିୟମ୍ ହ୍ୱିସ୍କିକୁ ନୂତନ ରୂପ ଦେଇଛୁ। ଏକ ଘରୋଇ ମିଶ୍ରଣ ସୃଷ୍ଟି କରୁଛୁ ଯାହା ଭାରତୀୟ ଏବଂ ସ୍କଟିସ୍ ମାଲ୍‌ଟକୁ ଚୟନିତ ଭାରତୀୟ ଶସ୍ୟ ସହିତ ମିଶ୍ରଣ କରିଛି। ସମ୍ପ୍ରତି ବିଶ୍ୱସ୍ତରୀୟ ପ୍ରଶଂସା ସହିତ ସ୍ୱୀକୃତିପ୍ରାପ୍ତ, ଲିଗାସି ଭାରତର ଆବେଗ, କାରିଗରୀକୁ ପ୍ରତିଫଳିତ କରୁଛି ଏବଂ ପାର୍ବଣ ଋତୁର ଭାବନାକୁ ପ୍ରତିଫଳିତ କରୁଛି। ଆମର ପ୍ରତିଟି ଲିମିଟେଡ୍-ଏଡିସନ୍‌ପ୍ୟାକ୍ ବିଭିନ୍ନ ରାଜ୍ୟର କାହାଣୀ ଦ୍ୱାରା ଅନୁପ୍ରାଣିତ ହୋଇଛି।

# ଟାଇଟାନ୍ ରାଗା ଗ୍ଲିମର୍ସ ଏବଂ ଟାଇଟାନ୍ ଷ୍ଟେଲାର ଉନ୍ମୋଚିତ

**ଭୁବନେଶ୍ୱର,୧୯।୧୦ (ମହାଭାରତ):** ଟାଇଟାନ ପକ୍ଷରୁ କମଲ ୱାଚ୍ ଆଣ୍ଡ କୋ ସହଯୋଗରେ ଏକ ସ୍ୱତନ୍ତ୍ର ଅଭିଜ୍ଞତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଗ୍ରାହକଙ୍କୁ ଆନନ୍ଦିତ କରିବା ସହ ଡିଜାଇନ୍, ଡ୍ରାମା ଓ ଟେକ୍ନୋଲୋଜିର ଆକର୍ଷଣୀୟ ମିଶ୍ରଣ ସହିତ ଗ୍ରାହକଙ୍କୁ ଆନନ୍ଦିତ କରିଛି ।

ଲଂଚ ଇଭେଂଟ୍ ଏକ ପାରମ୍ପାରିକ ଶୋକେସ୍ ଠାରୁ ଅଧିକ ଥିଲା, ଅତିଥିମାନଙ୍କୁ ଏକ ଷ୍ଟାଇଲିଂ ଅଭିଜ୍ଞତା ଏବଂ ଏକ ଚିତାକର୍ଷକ ଆଲୋକ-ଶବ୍ଦ ଦୃଶ୍ୟ ସହିତ ଏକ ଇମର୍ସିଭ୍ ଅଭିଜ୍ଞତା ପ୍ରଦାନ କରିଥିଲା ଯାହା ଉଭୟ ସଂଗ୍ରହ ପଛରେ ଥିବା କାହାଣୀକୁ ଜୀବନ୍ତ କରିଥିଲା । ଗ୍ରାହକମାନେ ସୁଚିନ୍ତିତ ଭାବରେ ଆକର୍ଷିତ ହୋଇଥିବା ପରିବେଶ ପାଇଁ ସେମାନଙ୍କର ଆନନ୍ଦ ଏବଂ ପ୍ରଶଂସା ପ୍ରକାଶ କରିଥିଲେ, ଯାହା ଟାଇମପିସ୍‌ର ସାରାଂଶକୁ ପ୍ରତିଫଳିତ କରିଥିଲା - ଚମତ୍କାର, ବୋଲ୍ଡ ଏବଂ ଅବିସ୍ମରଣୀୟ ।

ଏହି କାର୍ଯ୍ୟକ୍ରମରେ କମଲ ୱାଚ୍‌ର ନିର୍ଦ୍ଦେଶକ ଶ୍ରୀ ରାଜେନ୍ଦ୍ର ଟୋଟଲା କହିଛନ୍ତି, "ରାଗା ଗ୍ଲିମର୍ସ ଏବଂ ଟାଇଟାନ୍ ଷ୍ଟେଲାରକୁ ଆମର ଗ୍ରାହକ ମାନଙ୍କ ସହିତ ପରିଚିତ କରାଇ ଆମେ ଆନନ୍ଦିତ । ଏହି ସଂଗ୍ରହଗୁଡ଼ିକ ପ୍ରକୃତରେ ଶୈଳୀ ଏବଂ ପଦାର୍ଥର ବିବର୍ତନକୁ ପ୍ରତିନିଧିତ୍ୱ କରେ ଏବଂ ଆମର ଗ୍ରାହକମାନେ ସେମାନଙ୍କୁ ଗ୍ରହଣ କରି ଆପଣାଇବାର ଅପେକ୍ଷା କରିଛୁ।"

'କମଲ ୱାଚ୍ କମ୍ପାନୀ ସହିତ ମିଶି ଚଳିତ ବର୍ଷ ଫେଷ୍ଟିଭ୍ ସମୟରେ ଏହି ଚମତ୍କାର ସଂଗ୍ରହ ଲଂଚ କରିବା ପ୍ରକୃତରେ ଆଶ୍ଚର୍ଯ୍ୟଜନକ ଅନୁଭବ କରୁଛି । ଟାଇଟାନ୍ ସର୍ବଦା ଲୋକଙ୍କ ଜୀବନର ଏକ ମୂଲ୍ୟବାନ ଅଂଶ ହୋଇଆସିଛି ଏବଂ ଏହିପରି ସୁନ୍ଦର ଏବଂ ଚିନ୍ତିତ ସଂଗ୍ରହ ମାଧ୍ୟମରେ ସମସ୍ତଙ୍କ ପାଇଁ ମୂଲ୍ୟବାନ ଯୋଗ ଆଣିବା ଆମ ପାଇଁ ଅତ୍ୟନ୍ତ ଆନନ୍ଦଦାୟକ ଅଟେ' - ରାହୁଲ ପାଣ୍ଡେ, ଚ୍ୟାନେଲ ହେଡ୍ ଏମ୍‌ବିଆର୍ ଡବ୍ଲ୍ୟୁ ଆଣ୍ଡ ଡବ୍ଲ୍ୟୁ, ଟାଇଟାନ୍ କମ୍ପାନୀ ଲିମିଟେଡ୍ ।

ଏହି ଲଂଚ ଟାଇଟାନ୍ ଏବଂ କମଲ ୱାଚ୍ ମଧ୍ୟରେ ସ୍ଥାୟୀ ସହଭାଗୀତାର ଆଉ ଏକ ରୋମାଂଚକର ଅଧ୍ୟାୟକୁ ଚିହ୍ନିତ କରେ - ଏକ ନାମ ଐତିହ୍ୟ, ବିଶ୍ୱାସ ଏବଂ ଘଂଟା । ଖୁଚୁରା କ୍ଷେତ୍ରରେ ଉତ୍କର୍ଷତା ସହିତ ସମକକ୍ଷ ।

# ସାମସଙ୍ଗ ଇଲେକ୍‌ଟ୍ରୋନିକ୍ସରେ ବିଶ୍ୱରେ ୫ମ

**ଭୁବନେଶ୍ୱର,୧୯।୧୦ (ମହାଭାରତ):** ସାମସଙ୍ଗ ଇଲେକ୍‌ଟ୍ରୋନିକ୍ସ ଆଜି ଇଂଟରବ୍ରାଣ୍ଡ ଦ୍ୱାରା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ପରାମର୍ଶଦାତା ଭାବରେ କ୍ରମାନ୍ୱୟରେ ଷଷ୍ଠ ଥର ପାଇଁ ସମଗ୍ର ବିଶ୍ୱ ବ୍ରାଣ୍ଡ ମଧ୍ୟରେ ୫ମ ସ୍ଥାନ ଅଧିକାର କରିବା ସହିତ ଏହା ଦ୍ୱାରା ଅନୁମୋଦିତ ହେବାର ଘୋଷଣା କରିଛି। ଇଂଟରବ୍ରାଣ୍ଡ ଏହାର 'ବେଷ୍ଟ ଗ୍ଲୋବାଲ ବ୍ରାଣ୍ଡ' ତାଲିକାର ପ୍ରତିବର୍ଷ ଉନ୍ମୋଚନ କରିଥାଏ। ଚଳିତ ବର୍ଷର ଏହି ତାଲିକାରେ ସାମସଙ୍ଗ ୯୦.୫ ବିଲିୟନ ୟୁଏସ ଡ଼ଲାର ପରିମାଣ ବ୍ରାଣ୍ଡ ମୂଲ୍ୟର ରେକର୍ଡ଼ ହେବା ସହିତ ଏହା ଏସିଆର ଏକମାତ୍ର କମ୍ପାନୀ ଭାବରେ ୨୦୨୦ ମସିହାରୁ ବିଶ୍ୱସ୍ତରରେ ସର୍ବୋଚ୍ଚ ୫ମ ସ୍ଥାନ ବଜାୟୀ ରଖି ଆସିଅଛି। ଇଂଟରବ୍ରାଣ୍ଡ ସୂଚନା ମୁତାବକ ସାମସଙ୍ଗ ଇଲେକଟ୍ରୋନିକ୍ସର ମୂଲ୍ୟାୟନ ଯେଉଁ ସବୁ ସକାରାତ୍ମକ ଦିଗ ଦ୍ୱାରା ପ୍ରଭାବିତ ତାହା ମଧ୍ୟରେ ରହିଛି: କମ୍ପାନୀର ବ୍ୟବସାୟୀକ ବିଭାଗ ମଧ୍ୟରେ ମଜବୁତ ଏଆଇ ପ୍ରତିଯୋଗୀତା ମୂଳକ ମନୋଭାବ। ସମନ୍ୱିତକାରୀ ଏକତ୍ରିକରଣର ଉତ୍ପାଦନ ଜରିଆରେ ଗ୍ରାହକ ଅଭିଜ୍ଞତା ବୃଦ୍ଧି। ଏଆଇ ପରିଚାଳିତ ସେମିକଣ୍ଡକ୍ଟର ପାଇଁ ପୁଞ୍ଜିଲଗାଣ ଉପରେ ଗୁରୁତ୍ୱାରୋପ।

# ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଅନ୍ତଃସାର ଶୂନ୍ୟ: ବିଜେଡି

**ଭୁବନେଶ୍ୱର,୧୯।୧୦ (ମହାଭାରତ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀ ଆଜି ନୂଆପଡାରେ ଦେଇଥିବା ବକ୍ତବ୍ୟ ଉପରେ ବିଜୁ ଜନତା ଦଳ କଡା ପ୍ରତିକ୍ରିୟା ଦେଇଛି । ନୂଆପଡା ଡବଲ ଇଞ୍ଜିନର ବିକାଶ ଦେଖିବ ବୋଲି ମୁଖ୍ୟମନ୍ତ୍ରୀ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ, ଦୀର୍ଘ ୧୬ ମାସରେ ରାଜ୍ୟ ବିକାଶ ପରିବର୍ତେ ବିନାଶ ଦେଖିବାକୁ ମିଳୁଛି ବୋଲି ବିଜେଡି କହିଛି।

ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ହତାଶ ଭାବ ତାଙ୍କ ଭାଷଣରେ ପରିଲକ୍ଷିତ ହେଉଥିଲା । ଚିରାଚରିତ ଢଙ୍ଗରେ, ମୁଖ୍ୟମନ୍ତ୍ରୀ କେବଳ ଗୁଡିଏ ଗପ ଶୁଣାଇଛନ୍ତି, ଯାହାକୁ କେବେ ବି ନୂଆପଡାବାସୀ ଗ୍ରହଣ କରିବେ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ, ବିଜେପି ପ୍ରାର୍ଥୀ ଆଜି ମନୋନୟନ ପତ୍ର ଦାଖଲ କରିବେ ବୋଲି କୁହାଯାଇଥିଲା । କିନ୍ତୁ, ତାହା ହୋଇ ପାରିଲା ନାହିଁ । ବିଜେପିରେ ପ୍ରାର୍ଥୀଙ୍କୁ ନେଇ ସୃଷ୍ଟି ହୋଇଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବେବି ସମାଧାନ ହୋଇ ପାରିନାହିଁ ବୋଲି ଜଳ ଜଳ ଦିଶୁଛି । ସମ୍ଭବତଃ ସେହି କାରଣରୁ, ମୁଖ୍ୟମନ୍ତ୍ରୀଙ୍କ ହତାଶଭାବ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ଆଜି ଦେଇଥିବା ବକ୍ତବ୍ୟ ଅନ୍ତଃସାର ଶୂନ୍ୟ ଥିଲା । କେବଳ ବିଜେପିର ବିଜୟ ନିଶ୍ଚିତ ବୋଲି ଦାବି କରିବା ଛଡା ତାଙ୍କ ବକ୍ତବ୍ୟରେ ଆଉ କିଛି ନଥିଲା। ଡ. ମହାନ୍ତି କହିଛନ୍ତି, ପ୍ରବାଦ ପୁରୁଷ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନୂଆପଡା ଜିଲ୍ଲା ଜନ୍ମ ନେଇଥିଲା । ଶ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ, ନୂଆପଡାର ବିକାଶ ତ୍ୱରାନ୍ୱିତ ହୋଇଥିଲା । ପୂର୍ବରୁ ନୂଆପଡା ଜିଲ୍ଲା ଏକ ମରୁଡି ପ୍ରପୀଡ଼ିତ ଜିଲ୍ଲା ଭାବେ ପରିଚିତ ଥିଲା ବେଳେ, ନବୀନ ପଟ୍ଟନାୟକଙ୍କ ସମୟରେ ଅପର-ଜଙ୍କ ଏବଂ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ନୂଆପଡା ସବୁଜିମାର ରୂପ ନେଇଥିଲା । ସେହିପରି, ଗମନାଗମନ କ୍ଷେତ୍ରରେ, ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ହେବା ପରେ ଐତିହାସିକ ପ୍ରଗତି ହାସଲ ହୋଇଛି । ଜିଲ୍ଲାର ସମସ୍ତ ସ୍କୁଲ ଓ ହସ୍ପିଟାଲର ରୂପାନ୍ତିକରଣ ହୋଇ ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ହୋଇଛି ।ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନୂଆପଡାରେ 'ଝିଅ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ହାତକୁ ନେଇ ମହିଳା ସଶକ୍ତିକରଣକୁ ସେ ଅଞ୍ଚଳରେ ଦୃଢ କରିଥିଲେ । ଏହା ଦ୍ୱାରା ସେଠାରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଥିବା ଅନୁପାତ ୧୦୨୦କୁ ବୃଦ୍ଧି ପାଇଥିଲା । ନୂଆପଡାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି ।

# ଟିକସ ବ୍ୟବସ୍ଥାରେ ସଂସ୍କାର

୨୦୧୭ ଜୁଲାଇ ପହିଲାରୁ ଦେଶରେ ଟିକସ ବ୍ୟବସ୍ଥାରେ ସବୁଠାରୁ ବଡ଼ ସଂସ୍କାର ଜିଏସଟି କାର୍ଯ୍ୟକାରୀ ହୋଇଥିଲା। ୮ ବର୍ଷ ପରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ନୂତନ ବ୍ୟବସ୍ଥାରେ ଜିଏସଟି ସ୍ଲାବକୁ ଦୁଇଟିରେ ସୀମିତ ରଖାଯାଇଛି । ଗୋଟିଏ ୫ ପ୍ରତିଶତ ଏବଂ ଅନ୍ୟଟି ୧୮ ପ୍ରତିଶତ। ୯୯% ସାମଗ୍ରୀକୁ ୫% ସ୍ଲାବରେ ରଖାଯାଇଥିବା ବେଳେ ଅନେକ ସାମଗ୍ରୀକୁ ଜିଏସଟିରୁ ବାଦ ଦିଆଯାଇଛି। ଏହା ସ୍ୱାଗତ ଯୋଗ୍ୟ। ଏହା ଦ୍ୱାରା ଗରିବ ଓ ମଧ୍ୟବିତ୍ତ ବର୍ଗ ଲାଭବନା ହେବେ ବୋଲି କୁହାଯାଉଛି। କିନ୍ତୁ ବାସ୍ତବତା ହେଲା ଭିନ୍ନ। ଜିଏସଟି ହ୍ରାସ ସତ୍ତ୍ୱେ ସାଧାରଣ ଖାଉଟୀଙ୍କୁ ଏହାର ଫାଇଦା ମିଳିଲା ନାହିଁ। କିଛି ସାମଗ୍ରୀ ଉପରେ ଟିକସ କମିଛି ଏବଂ ଏହାର ବଜାର ଦର କମିଛି। କିନ୍ତୁ ଅନେକ ଉତ୍ପାଦନକାରୀ କମ୍ପାନୀ ଜିଏସଟି କମିବା ପୂର୍ବରୁ ନିଜ ଉତ୍ପାଦିତ ସାମଗ୍ରୀର ଏମଆରପି ବଢ଼ାଇ ଦେଇଛନ୍ତି। ଫଳରେ ଜିଏସଟି ହ୍ରାସ ପାଇଲେ ମଧ୍ୟ ଖାଉଟୀଙ୍କୁ ଏହା ଶସ୍ତାରେ ମିଳୁନି। ଏହାକୁ କହନ୍ତି ଖାଉଟୀ ମାରଣ ନୀତି। ସରକାର ଟିକସ କମାଇ କ୍ଷତି ସହିଲେ, କିନ୍ତୁ ଲୋକଙ୍କୁ ଏହାର ଫାଇଦା ମିଳିଲା ନାହିଁ। ଜିଏସଟି କମିବା ଫଳରେ ଦେଶର ରାଜସ୍ୱ ସଂଗ୍ରହ ହ୍ରାସ ପାଇବ। କଂଗ୍ରେସ ଅଭିଯୋଗ କରିଛି ଯେ, ୮ ବର୍ଷ କାଳ ଲୋକ୍‌କୁ ଟିକସ ମାଧ୍ୟମରେ ଶୋଷଣ କରିବା ପରେ ଏବେ ଟିକସ ହ୍ରାସ କରି ସରକାର ବାହାବା ନେଉଛନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ। ୮ ବର୍ଷ ମଧ୍ୟରେ ଜିଏସଟି ପାଇଁ ଦେଶର ଅର୍ଥ ବ୍ୟବସ୍ଥା ସୁଦୃଢ଼ ହୋଇଛି। ଜିଏସଟି ବାବଦ ଅର୍ଥ କେହି ନିଜ ପକେଟକୁ ନେଉନଥିଲେ। ବରଂ ଅନେକ ଜିଏସଟି ହ୍ରାସକୁ ବିରୋଧ କରୁଛନ୍ତି ଏବଂ ଜିଏସଟି ସରଳୀକରଣ କରିବା ଉଚିତ। ୧୦ଟଙ୍କାର ସାମଗ୍ରୀକୁ ୯ ଟଙ୍କାରେ ବିକ୍ରୀ କଲେ ଲୋକେ ବିଶେଷ ଉପକୃତ ହେବେନି। କିନ୍ତୁ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେବ। ଗତ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲାରୁ ଦେଶବାସୀଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀପାବଳୀରେ ସେ ଦେଶବାସୀଙ୍କୁ ଜିଏସଟି ହ୍ରାସର ଉପହାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ସେ ଏହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ବିଶେଷ କରି କାଦ୍ୟ ସାମଗ୍ରୀ ଉପରୁ ଜିଏସଟିକୁ ସମ୍ପୂର୍ଣ୍ଣ ଛାଡ଼ ବା ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହା ମଧ୍ୟରେ ରହିଛି ରୋଟି, ପରଟା, ୩୩ ପ୍ରକାର ଜୀବନ ରକ୍ଷାକାରୀ ଔଷଧ , ଦୁଗ୍ଧଜାତ ସାମଗ୍ରୀ ଇତ୍ୟାଦି। ଅନେକ କୃଷି ଉପକରଣ ଉପରେ ମଧ୍ୟ ଜିଏସଟି ଛାଡ଼ କରାଯାଇଛି। ତେବେ କେତେକ ବିଳାସ ସାମଗ୍ରୀ, ତମାଖୁ ଏବଂ ବଡ଼ କାର ଉପରେ ୪୦% ଟିକସ ବସାଇବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୨ରୁ ଏହା ଲାଗୁ ହେବ। ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି। ସାଧାରଣ ଲୋକଙ୍କ ଉପରୁ ଜିଏସଟି ବୋଝ ହାଲୁକା କରିବାକୁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ଅନେକ ଦିନ ତଳୁ ଏହା କାର୍ଯ୍ୟକାରୀ ହେବାର ଥିଲା। ଏହା ଦ୍ୱାରା ସରକାରଙ୍କର ବାର୍ଷିକ ପ୍ରାୟ ୪୭ ହଜାର କୋଟି ଟଙ୍କାର ରାଜସ୍ୱ ହାନି ହେବ ବୋଲି ଆକଳନ କରାଯାଇଛି। ଏହା ଫଳରେ ରାଜ୍ୟମାନେ ମଧ୍ୟ କ୍ଷତିଗ୍ରସ୍ତ ହେବେ। ସେଥିପାଇଁ ଅନେକ ବିରୋଧୀ ଶାସିତ ରାଜ୍ୟମାନେ ଏହାକୁ ବିରୋଧ କରୁଥିଲେ। କିନ୍ତୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସେମାନଙ୍କୁ ବୁଝାଇବାରେ ସଫଳ ହୋଇଥିଲେ। ଫଳରେ ଜିଏସଟି ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ଏବେ ଦେଶରେ ମାସିକ ହାରାହାରି ୧ ଲକ୍ଷ ୮୪ ହଜାର କୋଟି ଟଙ୍କାର ଗ୍ରସ ଜିଏସଟି ସଂଗ୍ରହ ହେଉଛି।

# ରାଜ୍ୟରେ ଜଳ ସଙ୍କଟ

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

*ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।*

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହ ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ୍ୟ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୬୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି। ୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ମାନବୀୟ ବିଭବ, ଶୃଙ୍ଖଳା ଓ ଶିଷ୍ଟାଚାର

॥ ବିଚିତ୍ରାନନ୍ଦ ପ୍ରଧାନ ॥

ଭଗବାନଙ୍କ ସୃଷ୍ଟିରେ ମନୁଷ୍ୟ ହେଉଛି ଶ୍ରେଷ୍ଠ ପ୍ରାଣୀ। ବୁଦ୍ଧି, ବିଚାର, ଆଦର୍ଶ, ସହନଶୀଳତା, ସଂସ୍କୃତି, ମାନବିକତା, ପରୋପକାରିତା, ଭଲ ପାଇବା ଏଗୁଡ଼ିକ ହେଉଛି ତାର ଅନ୍ୟତମ ଗୁଣଗତ ଶ୍ରେଷ୍ଠ ସମ୍ପଦ। ସବୁ ଯୁଗରେ ଶୃଙ୍ଖଳା ଓ ଶିଷ୍ଟାଚାରକୁ ଗୁରୁତ୍ୱ ଦିଆଯାଇଛି। କାରଣ ଏହା ହେଉଛି ମାନବ ଚେତନା। ଜଣେ ଯେତେ ବଡ଼ କ୍ଷମତାଶାଳୀ, ଅର୍ଥଶାଳୀ ଓ ପ୍ରତିପତ୍ତିଶାଳୀ ହୁଅନ୍ତୁ ନାଁ କାହିଁକି ଯଦି ସେ ଶୃଙ୍ଖଳିତ ନୁହଁନ୍ତି ବା ଶିଷ୍ଟାଚାର ଓ ସଂସ୍କୃତିକୁ ନିଜ ଜୀବନରେ କାର୍ଯ୍ୟରେ ପରିଣତ କରିନାହାଁନ୍ତି ତାହାହେଲେ ସେ ମନୁଷ୍ୟ ହୋଇ ମଧ ତାଙ୍କୁ ଜଣେ ମନୁଷ୍ୟ ପଦବାଚ୍ୟ କୁହାଯାଇପାରିବ ନାହିଁ। ପୁରାତନ ଯୁଗର ଆଜି ମାନବ ସଭ୍ୟତାର ମୌଳିକ ଉପାଦାନ ଥିଲା ଶୃଙ୍ଖଳା ଓ ଶିଷ୍ଟାଚାର। ଶୃଙ୍ଖଳା ଓ ଶିଷ୍ଟାଚାରର ଇତିହାସରେ ପୁରାତନ ହୋଇଥିଲେ ମଧ ଏହି ଚିରନ୍ତନ ଓ ନିତ୍ୟନୂତନ। ପ୍ରାଚୀନତ ଯୁଗର ବୈଦିକ ସଭ୍ୟତା ଠାରୁ ଆରମ୍ଭ କରି ଚଳିତ ଯୁଗର ଅତ୍ୟାଧୁନିକ ଯନ୍ତ୍ର ସଭ୍ୟତା ପ୍ରଭୃତିର ପ୍ରତ୍ୟେକ ସୋପାନରେ ଶୃଙ୍ଖଳା ଓ ଶିଷ୍ଟାଚାରର ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛି। ଏହା ପ୍ରତ୍ୟେକ ସଭ୍ୟତାର ମୂଳତତ୍ତ୍ୱ ଓ ପ୍ରତ୍ୟେକ ଧର୍ମର ମୂଳନୀତି। ଶୃଙ୍ଖଳା ଜ୍ଞାନ ନଥିଲେ ମନୁଷ୍ୟର ଶିକ୍ଷା ସଭ୍ୟତାର ଅଗ୍ରଗତି ହୋଇପାରିବ ନାହିଁ। ଶୃଙ୍ଖଳା ହେଉଛି ଏକ ନିର୍ଦ୍ଦିଷ୍ଟ ନୀତି ଓ ପଦ୍ଧତିରେ ନିଜକୁ ବାନ୍ଧି ରଖିବା। କାର୍ଯ୍ୟ କ୍ଷେତ୍ରରେ ମନୁଷ୍ୟ ନିଜ ପ୍ରବୃତ୍ତିକୁ ଦମନ କରି ସଂଯମତା ଅବଲମ୍ବନ କରିବା ଦ୍ୱାରା ଶୃଙ୍ଖଳିତ ଭାବରେ କାର୍ଯ୍ୟ ସଂପାଦନ ହୋଇପାରିବ। କୌଣସି ମହତ କାର୍ଯ୍ୟରେ କୃତିତ୍ୱ ଅର୍ଜନ କରିବା ନିମନ୍ତେ ସଦାଚାର ମାନ ଅଭ୍ୟାସ ଗତ ଭାବରେ ଗ୍ରହଣ କରି ନିଜ ପ୍ରକୃତିରେ ଅଙ୍ଗୀଭୂତ ନିହାତି ଆବଶ୍ୟକ ହୋଇଥାଏ। ଏଣୁ କୁହାଯାଏ ଅଭ୍ୟାସ ଦ୍ୱିତୀୟ ପ୍ରକୃତି ଅଟେ। ଶୃଙ୍ଖଳା ମାଧମରେ ସଦାଚାର ପ୍ରବଣତାକୁ ନିଜ ପ୍ରକୃତିରେ ପରିଣତ କରିବା ସମ୍ଭବ ହୋଇଥାଏ ଓ ଆତ୍ମ ନିୟନ୍ତ୍ରଣ କରିବାରେ ସମର୍ଥ ହୋଇ ସୁଖ ଓ ସଂବୃଦ୍ଧି ପାଇଥାଏ।

ଶୃଙ୍ଖଳିତ ଭାବରେ କୃଷିକାର୍ଯ୍ୟ କରାଯିବା ଦ୍ୱାରା ଅଧିକ ଫସଲ ଉତ୍ପାଦିତ ହୋଇଥାଏ। ଅଳ୍ପ ସଂଖ୍ୟକ ଶୃଙ୍ଖଳିତ ସୈନ୍ୟ ବହୁ ସଂଖ୍ୟକ ଶୃଙ୍ଖଳାହୀନ ସୈନ୍ୟଙ୍କୁ ପରାସ୍ତ କରି ପାରନ୍ତି। ଏହାର ସତ୍ୟତା ଇତିହାସରେ ପ୍ରମାଣିତ ହୋଇଅଛି। ଆଧ୍ୟାତ୍ମିକ ଜଗତରେ ମଧ ଶୃଙ୍ଖଳା ଜ୍ଞାନର ଅଶେଷ କଲ୍ୟାଣ ନିହିତ ରହିଅଛି। ଯେଉଁ ବ୍ୟକ୍ତି ନିଜର ଆହାର ବ୍ୟବହାର ଓ ନିତ୍ୟକର୍ମମାନ ଶୃଙ୍ଖଳିତ ଭାବରେ ପାଳନ କରେ ସେହି ବ୍ୟକ୍ତି ଶରୀରରେ କୌଣସି ବ୍ୟାଧି ହୋଇନଥାଏ। ସେ ସୁଖର ପ୍ରାଚୁର୍ଯ୍ୟ ମଧରେ ଦୀର୍ଘ ଜୀବନ ଲାଭ କରେ। ମନୁଷ୍ୟ ଶୃଙ୍ଖଳିତ ଭାବରେ ମହତ କାର୍ଯ୍ୟ କଲେ, ପ୍ରତ୍ୟେକ କ୍ଷେତ୍ରରେ କୃତକାର୍ଯ୍ୟ ହୋଇ ଜଶ ଅର୍ଜନ କରିଥାଏ। ସାମାଜିକ ବିକାଶରେ ପ୍ରତ୍ୟେକ ସମାଜରେ ଆଚରଣ ବିଧି ମାନ ଗଢ଼ି ଉଠିଛି। ଏହାକୁ କୋର୍ଡ ଅଫ କଣ୍ଡକ୍ଟ ବୋଲି କୁହାଯାଏ। ସାମାଜିକ ବ୍ୟବହାରରେ ଶିଷ୍ଟାଚାର ପ୍ରଚଳନ ହୋଇ ଆସୁଅଛି। ଅତିଥି ପ୍ରତି ଗୃହସ୍ଥ ଶିଷ୍ଟାଚାର, ପିତାମାତାଙ୍କ ପ୍ରତି ପୁତ୍ର କନ୍ୟାର ଶିଷ୍ଟାଚାର, ସ୍ୱାମୀ ପ୍ରତି ସ୍ତ୍ରୀର ଶିଷ୍ଟାଚାର, ଗୁରୁମାଙ୍କ ପ୍ରତି ଶିଷ୍ୟଙ୍କର ଶିଷ୍ଟାଚାର ଓ ଶିକ୍ଷକ ମାନଙ୍କ ପ୍ରତି ଛାତ୍ରୀ ମାନଙ୍କର ଶିଷ୍ଟାଚାର ଯୁଗ ଯୁଗ ଧରି ପ୍ରଚଳିତ ହୋଇ ଆସୁଅଛି। ଏହି ବ୍ୟବହାର ବିଧି ସମାଜରେ ପାରସ୍ପରିକ ସମ୍ପର୍କକୁ ଅତୁଟ ରଖିବା ସହିତ ନିର୍ମଳ ଓ ମଧୁମୟ କରି ପାରିଛି। ସଭାସମିତି ଆଦିରେ ଶୃଙ୍ଖଳା ଓ ଶିଷ୍ଟାଚାର ଜ୍ଞାନ ରହିବା ନିହାତି ଆବଶ୍ୟକ। ଏହାଦ୍ୱାରା ପରସ୍ପର ମଧରେ ମିତ୍ରଭାବ ସୃଷ୍ଟି ହେବା ସହିତ ଆଲୋଚନା ମାଧମରେ ଅକ୍ଲେଶରେ ସମସ୍ୟା ସମାଧାନ ହୋଇଯାଏ। ବିଶୃଙ୍ଖଳିତ ଭାବରେ ଯୁକ୍ତିତର୍କ କରିବା ଦ୍ୱାରା ଅଯଥାରେ କଳହ ହୋଇ ବ୍ୟକ୍ତି ମାନଙ୍କ ମଧରେ ଶତ୍ରୁତା ସୃଷ୍ଟି ହୋଇଯାଏ।

ରଣାଙ୍ଗନରେ ଜଣେ ସୈନିକଙ୍କର ସାମାନ୍ୟ ତୃଟିରୁ ବିଶୃଙ୍ଖଳା ଘଟି ଦେଶ ଦେଶ ମଧରେ ଲଢ଼େଇ ଦ୍ୱାରା ଧନଜୀବନ ନଷ୍ଟ ହୋଇଥାଏ। ଏଣୁ ସାମରିକ ବାହିନୀରେ ଶୃଙ୍ଖଳା ଅତି କଠୋର ଭାବରେ ପାଳନ କରାଯାଏ। ସାମାଜିକ ଜୀବନର ମୂଳାଧାର ହେଉଛି ଶୃଙ୍ଖଳା। ଶିଷ୍ଟାଚାର ଶୃଙ୍ଖଳା ପାଳନରେ ସହାୟକ। ଏଣୁ ଶିଷ୍ଟାଚାର ଓ ଶୃଙ୍ଖଳା ମଧରେ ଅଙ୍ଗାଙ୍ଗୀ ସମ୍ବନ୍ଧ ରହିଅଛି। ମାନବର ଅନ୍ୟାନ୍ୟ ବିଭବ ଠାରୁ ଶୃଙ୍ଖଳା ଓ ଶିଷ୍ଟାଚାରର ସ୍ଥାନ ଉଚ୍ଚତର ଓ ପ୍ରତ୍ୟେକ କ୍ଷେତ୍ରରେ ଏହା ଅପରିହାର୍ଯ୍ୟ। ଏହା କେହି ଅସ୍ୱୀକାର କରିପାରିବେନାହିଁ। ଏଣୁ ଆଧୁନିକ ଭାରତରେ ଶୃଙ୍ଖଳା ଓ ଶିଷ୍ଟାଚାର ପୁନଃ ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ। ଛାତ୍ର ଜୀବନ ଚରିତ୍ର ଗଠନର ପ୍ରକୃଷ୍ଟ ସମୟ ହୋଇଥିବାରୁ ଛାତ୍ରଛାତ୍ରୀମାନେ ଶୃଙ୍ଖଳା ଓ ଶିଷ୍ଟାଚାର ଜ୍ଞାନ ଆହରଣ କରିବା ଉଚତ। ଶୃଙ୍ଖଳିତ ଜୀବନ ଯାପନରେ ମନୁଷ୍ୟ ଆପାର ଆନନ୍ଦ ପାଏ। ଜୀବନ ସୁଖମୟ ହୁଏ। ଏଣୁ ଶୃଙ୍ଖଳା ଓ ଶିଷ୍ଟାଚାର ଜ୍ଞାନ ସମସ୍ତ ବ୍ୟକ୍ତିର ରହିବା ଅତ୍ୟନ୍ତ ପ୍ରୟୋଜନ। ଜଣେ ଶୃଙ୍ଖଳିତ ଓ ଶିଷ୍ଟାଚାର ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ନିଜ ପରିବାରକୁ ସେହିଧାରାରେ ଗଢ଼ିତୋଳି ଥାଏ ଏବଂ କିଛି ପରିବାରକୁ ନେଇ ଏକ ବୃହତ୍ତର ସମାଜ ବା ଦେଶ ଗଠନ ହୋଇଥାଏ। ଏକ ବିଭବଶାଳୀ ପ୍ରଗତି ଓ ଅଭିବୃଦ୍ଧିଶାଳୀ ରାଷ୍ଟ୍ରର ମୂଳଶକ୍ତି ହେଉଛି ଆଦର୍ଶଗତ ଶିଷ୍ଟାଚାର। ତେଣୁ ଏହି ଶିଷ୍ଟାଚାର ପରି ଏକ ଶ୍ରେଷ୍ଠ ଗୁଣକୁ ନିଜ ଜୀବନରେ କାର୍ଯ୍ୟରେ ପରିଣତ କଲେ ଏହା ଜଣଙ୍କୁ ଦିବ୍ୟ ଜୀବନ ପଥରେ ନେଇଯିବା ସହ ଏକ ସୁସଂସ୍କୃତି ସମ୍ପନ୍ନ ମୂଲ୍ୟବୋଧଭିତ୍ତିକ ପରିବାର ଓ ସମାଜ ଗଠନ ହୋଇପାରିବ।

ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୯୩୭୨୨୪୦୮୫

# ଭାବନାରେ ଭଗବାନ

॥ ଡ଼ ପ୍ରତିଭା ମହାରଥୀ ॥

ଭାବିଦେଲେ ଭକ୍ତ ଦାସିଆ, ପାଚିଲା ଆମ୍ବ ଜଗନ୍ନାଥଙ୍କୁ ଦେବେ ବୋଲି। ଆପଣାଛାଏଁ ଆମ୍ବ ଟୋକେଇରୁ ଆମ୍ବ ଚାଲିଗଲା ରତ୍ନ ସିଂହାସନ। ପଣ୍ଡାମାନଙ୍କ ଗର୍ବ ଖର୍ବ ହେଲା। ଭାବିଦେଲେ ଶ୍ରୀଫଳ ଗୋଟି ଜଗନ୍ନାଥଙ୍କୁ ଦେବେ ଓ ସେ ହାତ ବଢ଼େଇ ନେବେ। ପ୍ରହରାଜପୁରର ବ୍ରାହ୍ମଣ ଗୋସେଇଁଙ୍କ ହାତରୁ ସତକୁ ସତ ସୁଦୀର୍ଘ ହସ୍ତ ପ୍ରସାରଣ କରି ଶ୍ରୀଫଳ ଗୋଟି ନେଇଗଲେ। ଭକ୍ତର ମନୋବାଞ୍ଛା ପୂର୍ଣ୍ଣ ହେଲା। ଭକ୍ତ ଯୋଗୁ ଧନ୍ୟ ହେଲେ ବ୍ରାହ୍ମଣ ଗୋସେଇଁ ମଧ୍ୟ। ବଡ଼ଦାଣ୍ଡରେ ଦେଖି ଆସିଲେ ନନ୍ଦିଘୋଷ ରଥ, ଶ୍ରୀଗୁଣ୍ଡିଚା ସମୟରେ ସ୍ତ୍ରୀଙ୍କୁ ଦେଖେଇଦେଲେ ଅବିକଳ ସେଇ ଦୃଶ୍ୟ, ବାଲି ଗାଁ ଗୋଠଗଡ଼ିଆର ଜଳରାଶି ହେଲା ଧନ୍ୟ। ପଞ୍ଚସଖାଙ୍କୁ ମଧ ସେହିଠାରେ ଦେଖେଇଦେଲେ ଦଶାବତାର ଦୃଶ୍ୟ। ଭାଙ୍ଗିଗଲା ଗର୍ବ, ଦର୍ପ, ଅହଙ୍କାର ପଞ୍ଚସଖାଙ୍କର। ମଥା ନୁଆଁଇ ପ୍ରଣାମ ଜଣାଇଲେ, ସ୍ୱୀକାର କଲେ ଭକ୍ତ ଦାସିଆର ପ୍ରଚଣ୍ଡ ଭକ୍ତିକୁ।

ସବୁ ଅସମ୍ଭବକୁ ସମ୍ଭବ କରିବା ପାଇଁ ଗୋଟିଏ ମାର୍ଗ ଭକ୍ତିମାର୍ଗ। ଯୁଗେ ଯୁଗେ ପ୍ରଭୁ ଭକ୍ତ ପାଖକୁ ଧାଇଁ ଆସିଛନ୍ତି। ଯେତେ ନିନ୍ଦା, ଯେତେ ଅପବାଦ ଶୁଣିବାକୁ ପଡ଼ିଲେ ବି ଭକ୍ତଠାରୁ ଦୂରେଇ ରହିପାରନ୍ତିନି ଅନ୍ତର୍ଯ୍ୟାମୀ ଭଗବାନ। ଭକ୍ତର ଭାବନା ଅନୁଯାୟୀ ଉଭା ହୋଇଯାଇଛନ୍ତି ତାରି ଆଗରେ। ଏ ସମ୍ପର୍କରେ କାହାଣୀଟିଏ।

ଗୁଜୁରାଟର ମହାନ ସନ୍ଥ ବିଠଲଦେବ ଭଗବାନ ଶ୍ରୀନାଥ (ଶ୍ରୀକୃଷ୍ଣ)ଙ୍କୁ ନିଜର ପୁଅ ପରି ଦେଖୁଥିଲେ। କୃଷ୍ଣଙ୍କୁ ପୁଅ ପରି ଗାଧୋଇ ଦେଉଥିଲେ। ପ୍ରସ୍ତୁତ ପ୍ରସାଦକୁ ବଡ଼ ସ୍ନେହରେ ତାଙ୍କ ଓଠ ପାଖରେ ଧରି ରଖୁଥିଲେ। ଅନୁରୂପ ରାଧାରାଣୀଙ୍କୁ ମଧ୍ୟ ବୋହୂ ଭଳି ପରିକଳ୍ପନା କରୁଥିଲେ। ଥରେ ଦୋଳଯାତ୍ରାର ଅବ୍ୟବହିତ ପୂର୍ବରୁ ସେ ଉତ୍ସବ ବିଷୟରେ ବହୁତ ଚିନ୍ତା କରୁଥିଲେ। ତାଙ୍କର ଥିଲେ ୭ ଜଣ ପୁଅ ଓ ୭ ଜଣ ବୋହୂ। ବୋହୂମାନେ ସେଦିନ ନୂଆ ଚୁଡ଼ି ପିନ୍ଧିବାକୁ ଆଗ୍ରହ ପ୍ରକାଶ କଲେ। ବିଠଲଦେବ ଜନୈକ କର୍ମଚାରୀ ହାତରେ କାଚରାକୁ ଡକାଇଲେ। ସେ ମଧ କାଳବିଳମ୍ବ ନକରି ଆସି ପହଞ୍ଚିଲା। ସନ୍ଥଙ୍କୁ ପ୍ରଣାମ କରି ବୋହୂମାନଙ୍କୁ ନୂଆ ଚୁଡ଼ି ଦେଖାଇଲା। ସନ୍ଥ ତାଙ୍କ ବ୍ୟବସାୟରେ ବ୍ୟସ୍ତ ରହିଲେ। ଚୁଡ଼ିବାଲା ଜଣ ଜଣ କରି ଚୁଡ଼ି ପିନ୍ଧାଉଥାଏ। ବୋହୂମାନେ ମୁଣ୍ଡରେ ଓଢ଼ଣା ଦେଇ ଚୁଡ଼ି ପିନ୍ଧୁଥାନ୍ତି। କାଚରା ଜଣକୁ ଚୁଡ଼ି ପିନ୍ଧାଇସାରି ତଳେ ଖଡ଼ିରେ ଗାର କାଟି ଦେଉଥାଏ।

ଚୁଡ଼ି ପିନ୍ଧା ସରିଲା। କାଚରା ସନ୍ଥଙ୍କୁ ଦେଖାକରି କହିଲା, 'ମହାହରାଜ, ୮ ଜଣ ବୋହୂଙ୍କୁ ଚୁଡ଼ି ପିନ୍ଧେଇଲି। ମୋର ପ୍ରାପ୍ୟ ଆଠ ଟଙ୍କା ଦିଅନ୍ତୁ। ସନ୍ଥ କହିଲେ - ମୋର ତ ସାତଜଣ ବୋହୂ, ତୁମେ ଆଠଜଣଙ୍କୁ ଚୁଡ଼ି ପିନ୍ଧାଇଲ କିପରି ? ପୁଅର ମା'କୁ ଚୁଡ଼ି ପିନ୍ଧାଇନାହଁ ତ ! କାଚରା କହିଲା - ନା, ମହାରାଜ। ମୁଁ ତ ମା' ସାଆନ୍ତାଣୀଙ୍କୁ ଚିହ୍ନେ। ସେ ମୁଣ୍ଡରେ ଅଧା ଓଢ଼ଣା ଦିଅନ୍ତି। ତାଙ୍କ ମୁହଁ ଦିଶୁଥାଏ, ମାତ୍ର ବୋହୂମାନେ ତ ମୁଣ୍ଡରେ ପୂର୍ଣ୍ଣ ଓଢ଼ଣା ଦିଅନ୍ତି। ବାସ୍ତବରେ ମୁଁ ଆଠଜଣଙ୍କୁ ହିଁ ଚୁଡ଼ି ପିନ୍ଧେଇଛି। ଗୃହସ୍ଥ ହେଲେ ବି ସନ୍ଥ ବଦାନ୍ୟ ହୃଦୟର ଥିଲେ। ସେ ଭାବିଲେ - 'ଏହାକୁ ଲୋଭ ଗ୍ରାସ କରିଛି। ହଉ, ଭଗବାନ ତ ମୋତେ ଅଭାବୀ ରଖିନାହାନ୍ତି। ଏ ଟଙ୍କାଟିଏ ଅଧିକ ନେଉ।' ଏହା ଭାବି ତାକୁ ୮ ଟଙ୍କା ଦେଇ ବିଦାୟ ଦେଲେ। ରାତିରେ ଶୋଇଲା ବେଳେ କହିଲେ – 'ପ୍ରଭୁ ! ଆଜି ଗୋଟାଏ କ୍ଷତି ସହିବା ଯୋଗ ଥିଲା। ହଉ ତମରି ଇଚ୍ଛା।' ଏହା କହି ସେ ଶୋଇଗଲେ।

ରାତିରେ ରାଧାରାଣୀ ଆସି ତାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ, 'ଶ୍ୱଶୁର ମହାଶୟ ! ଶ୍ରୀନାଥଙ୍କୁ ତୁମେ ପୁତ୍ରବତ୍ ଜ୍ଞାନକର, ତାହେଲେ ହିସାବରେ ମୁଁ ତୁମର ବୋହୂ ହେଲିନି କି ? ତମେ ତମର ଆଉ ଗୋଟିଏ ବୋହୂ କଥା ଭୁଲିଗଲ କିପରି ? ହଉ - ତମେ ସିନା ଭୁଲିଗଲ, ହେଲେ ମୁଁ କିପରି ଭୁଲିଥାନ୍ତି ! ଭକ୍ତର ଭାବନାନୁସାରେ ପ୍ରଭୁଦର୍ଶନ ଦିଅନ୍ତି। ତମର ଏକାନ୍ତ ବାତ୍ସଲ୍ୟ ଭାବ ଦେଖି ମୁଁ ତୁମ ବୋହୂ ହେବାକୁ ଇଚ୍ଛାକଲି। କାଚରାର କିଛି ଦୋଷ ନାହିଁ, ମୁଁ ହିଁ ନୂଆଚୁଡ଼ି ପିନ୍ଧିଛି।' ଏହା କହି ସେ ଅନ୍ତର୍ଦ୍ଧାନ ହୋଇଗଲେ। ସନ୍ଥଙ୍କର ନିଦ୍ରାଭଙ୍ଗ ହେଲା।

# ଖଣ୍ଡପଡ଼ା ଏସଡିପିଓ ଏବଂ ଫତେଗଡ଼ ପୁଲିସ ଅବହେଳାର ପ୍ରତିବାଦରେ ଆରକ୍ଷୀ ଅକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ




ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ଫତେଗଡ଼ ପୁଲିସ ଓ ଖଣ୍ଡପଡ଼ା ଏସ୍ ?ଡିପିଓଙ୍କ ମନମୁଖୀ କାର୍ଯ୍ୟ ଓ ଅବହେଳା ପ୍ରତିବାଦରେ ଜାତୀୟ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଛି। ନୟାଗଡ଼ ଜିଲ୍ଲାର ବିଭିନ୍ନ ଥାନା ଫତେଗଡ଼, ଖଣ୍ଡପଡା, ରଣପୁର, ଦଶପଲ୍ଲା, ଇଟାମାଟି, ଶରଣକୁଳ, ପ୍ରଭୃତି ଥାନା ଅନୁସୂଚିତ ଜାତି ନିର୍ଯାତନା ପ୍ରବଣ ଅଞ୍ଚଳ ଭାବେ ପରିଗଣିତ ହେଉଛି। ନୟାଗଡ଼ର ପତେଗଡ଼ ଥାନା ଅନ୍ତର୍ଗତ କଇଁଥ ପୋଖରୀ ଗ୍ରାମର ଅନୁସୂଚିତ ଜାତି ବର୍ଗ ୫ଟି ପରିବାରଙ୍କୁ ଗ୍ରାମର ସବର୍ଣ୍ଣ ମାନେ ୩ ବର୍ଷ ହେବ ସାମାଜିକ ବାସନ୍ଦ ରଖୁବା ଏବଂ ଗତ ଅଗଷ୍ଟ ୩୧ ତାରିଖରେ ଗ୍ରାମର ସିଲୁ ଡାଲୁଆ ଜଣେ ଅନୁସୂଚିତ ଜାତି ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଏବଂ ତାଙ୍କ ସ୍ୱାମୀ ବିରୋଧ କରିବାରୁ ସିଲୁ ଡାଲୁଆ ଓ ମିଲୁ ଡାଲୁଆ ଦୁଇ ଭାଇ ମିଶିକି ହତ୍ୟା ଉଦ୍ଦେଶ୍ୟରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିବା ଘଟଣାରେ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲେ ବି ୧୦୯ ବିଏନ୍ଏସ୍ ଦଫା କାହିଁକି ଲଗାଗଲା ନାହିଁ ବୋଲି ସଂଘ ପ୍ରଶ୍ନ ଉଠାଇଛି। ଏହି ଗମ୍ଭୀର ମାମଲାକୁ ତଦନ୍ତ କାରି ଅଧିକାରୀ ତଥା ଖଣ୍ଡପଡ଼ା ଏସ୍ ?ଡିପିଓ ଅତି ହାଲୁକା ଭାବେ ନେବା ସହିତ ଆଜି ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କଲେନାହିଁ। ବରଂ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାରେ ବ୍ୟସ୍ତ ରହିବା, କିପରି ଅଭିଯୁକ୍ତ ମାନେ ଜାମିନ ପାଇବେ ତାର ବନ୍ଦୋବସ୍ତ କରିବା, ମାମଲା ଉଠେଇ ନେବାକୁ ପୀଡିତା ପରିବାରଙ୍କୁ ଧମକ ଦେବା ଧମକ ଦିଆଯାଉଥ ?ିବା ଅଭିଯୋଗ ହୋଇଛି। ଏପରିକି ଗ୍ରାମର ସବର୍ଣ୍ଣ ଲୋକ ମାନେ ପୁନଶ୍ଚ ଗତ ସେପ୍ଟେମ୍ବର ୨ ତାରିଖ ଦିନ ବିପ୍ରବର ମଲ୍ଲିକଙ୍କ ଘର ଭିତରେ ମିଲୁ ଡାଲୁଆ ନେତୃତ୍ୱରେ ପଶିକି ଭଙ୍ଗାରୁଜା କରିବା ଏପରିକି ଲକ୍ଷାଧିକ ଟଙ୍କା ଜିନିଷ ପତ୍ର ନଷ୍ଟ କରିବା, ଆକ୍ରମଣ କରିବା ଘଟଣାକୁ ନେଇ ଆଜି ପର୍ଯ୍ୟନ୍ତ ମାମଲା ରୁଜୁ କରାଯାଇନାହିଁ। ଏପରିକି ରାଜ୍ୟ ମାନବାଧିକାର କମିଶନ ପୀଡ଼ିତା ପରିବାରଙ୍କୁ ସୁରକ୍ଷା ଦେବାର ନିର୍ଦ୍ଦେଶ ଥାଇ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ଯାହାକୁ ନେଇ ସଂଘ ତମାମ ଘଟଣାକୁ ନିନ୍ଦା କରିବା ସହ ଫତେଗଡ଼ ଥାନାରେ ରୁଜୁ ହୋଇଥିବା ୨୮୪/୨୫ ମାମଲାର ସମସ୍ତ ଅଭିଯୁକ୍ତଙ୍କ ଗିରଫ ଦାବି କରିଛି। ତଦନ୍ତକାରୀ ଅଧିକାରୀ ତଥା ଖଣ୍ଡପଡ଼ା ଏସ୍ ?ଡିପିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏହି ପ୍ରତିବାଦ ଯାତ୍ରା ଓ ଗଣଧାରଣା କାର୍ଯ୍ୟକ୍ରମରେ ଜାତୀୟ ଦଳିତ ଆଦିବାସୀ ମହାସଙ୍ଘର ରାଜ୍ୟ ସଭାପତି ଲିଟୁ ଦାସ, ଭୀମ୍ ଆର୍ମି ରାଜ୍ୟ ସଂଯୋଜକ ନିହାର ସାମଲ, ଆରପିଆଇ ରାଜ୍ୟ ସଭାପତି ଶେଖ ଅବଦୁଲ ଓ୍ୱାଲି, ଆମ୍ବେଦକର ସମାଜ ସେବି ମହାସଙ୍ଘ ସଭାପତି ବୀରେନ୍ଦ୍ର ନାୟକ, ଆମ୍ବେଦକର ସେବକ ସଙ୍ଘ ସଭାପତି ଦୈତାରୀ ନାୟକ, ଜାତୀୟ ଦଳିତ ଆଦିବାସୀ ମହାସଙ୍ଘ ରାଜ୍ୟ ସମ୍ପାଦକ ଜଗନ୍ନାଥ ଭୋଇ, ମହିଳା ସମ୍ପାଦିକା ଟିକିନା ପରିଡା, ରାଜ୍ୟ ଯୁଗ୍ମ ସମ୍ପାଦକ ବୈଠକ ମାଝୀ, ଛାତ୍ର ନେତା ଦୀପକ ସାମଲ, ଖୋର୍ଦ୍ଧା ସଭାପତି ଅଶୋକ ଭୋଇ, କଟକ ସଭାପତି ପ୍ରକାଶ ଭୋଇ, ଜୟଦେବ ସଭାପତି ବିଜୟ ଭୋଇ, ବାଙ୍କୀ ସଭାପତି ବ୍ରଜ ନାୟକ ପ୍ରମୁଖ ଶତାଧିକ ଲୋକ ସାମିଲ ହୋଇଥିଲେ।

# ଆବାସୀ ମାଧ୍ୟମରେ ପଞ୍ଚାୟତ ଭବନର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ନାରାୟଣପାଟଣା, (ମହାଭାରତ): ଭୁବନେଶ୍ୱରରୁ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ରାଜ୍ୟରେ ପଞ୍ଚାୟତ ଭବନ ପାଇଁ ଭିତ୍ତି ପ୍ରସ୍ତର କରିଥିବା ବେଳେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇଦେଇଛନ୍ତି। ଏହି କାର୍ଯ୍ୟକର୍ମରେ ନାରାୟଣାପାଟଣା ବ୍ଲକ ଭିଡିଓ କନ୍ଫରେନ୍ସ ଗୃହରେ ବିଡିଓ ବିକ୍ରମ କୁମାର ଦୋରାଙ୍କ ଅଧକ୍ଷତାରେ ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର କରାଯାଇଛି। ଆବାସୀ ମାଧ୍ୟମରେ ଆଜି ମୁଖ୍ୟମନ୍ତ୍ରୀ ମୋଟ ୪୭୧ ଟି ନୂତନ ପଞ୍ଚାୟତ ଭବନ ନିର୍ମାଣ ସକାଶେ ଶିଳାନ୍ୟାସ କରିଥିବା ବେଳେ ସେଥି ମଧ୍ୟରୁ ନାରାୟଣପାଟଣା ବ୍ଲକ ର ବାଲିପେଟା ପଞ୍ଚାୟତ ଭବନ ରହିଛି ଓ ଆଜି ବ୍ଲକ କାର୍ଯ୍ୟାଳୟରେ ଏହି ଅବସରରେ ପ୍ରଥମ ପର୍ଯ୍ୟାୟ ରେ ବ୍ଲକ ର ମୋଟ ୮୧ ଜଣ ହିତାଧିକାରୀଙ୍କୁ ଅନ୍ତରଦ୍ୱୟ ଯୋଜନାରେ ଗୃହ ବଣ୍ଟନ କରାଯାଇଛି ଓ ପ୍ରତ୍ୟେକ ହିତାଧିକାରୀଙ୍କୁ ଖାତାକୁ ପ୍ରଥମ କିସ୍ତିରେ ଚାଳିଶ ହଜାର ଦିଆଯାଇଛି ଓ ଏହି ଆବାସି କାର୍ଯ୍ୟକ୍ରମ ରେ ସମସ୍ତ ହିତାଧିକାରୀ ଉପସ୍ଥିତ ରହିଥିଲେ ଓ କାର୍ଯ୍ୟକ୍ରମ ରେ ବିଡ଼ିଓ ବିକ୍ରମକୁମାର ଦୋରା, ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ପିଇଓ ରମେଶ ତୁଳ, ତେନ୍ତୁଳିପଦର ସରପଞ୍ଚ ରବି ମାଣ୍ଡିଙ୍ଗୀ, କୁମ୍ଭାରୀ, ନାରାୟଣପାଟଣା ଓ ବାଲିପେଟା ପଞ୍ଚାୟତ ର ସମିତି ସଭ୍ୟ, ନାଏବ ସରପଞ୍ଚ ଟି ଶ୍ରୀନିବାସ ବିଜେପି ବ୍ଲକ ସଭାପତି କାଶୀନାଥ ହୁଇକା ପ୍ରମୁଖ ଯୋଗ ଦେଇଥିଲେ ଓସେହିପରି ଏହି ଭିଡିଓ କନ୍ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟାଳୟରୁ ପଞ୍ଚାୟତବାସୀ ସିଧା ପ୍ରସାରଣ ଦେଖିଛନ୍ତି।

# ସ୍ଲରୀ ପାଇପ ଲାଇନ ଖୋଳାରେ ଅନିୟମିତତା, ଯାଞ୍ଚ ରେ ଜୁଟିଲା ବନ ବିଭାଗ

ଯୋଡା, ୧୯/୧୦(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ନଇବୁଗା। ଅଞ୍ଚଳରେ ଏକ ଖଣି ଓ ଶିଳ୍ପ ସଂସ୍ଥା ର ସ୍ଲରୀ ପାଇପ ଲାଇନ ଖୋଳା ରେ ବନ୍ୟାଞ୍ଚଳ କୁ ନେଇ ହୋଇଥିବା ଅନିୟମିତତା ର ଯାଞ୍ଚ ରେ ବନ ବିଭାଗ ଜୁଟିଛି । ଏ ନେଇ ବାମେବ ।ରୀ ବନପାଳ ବୁଲୁ ନାହାକ ଙ୍କୁ ପଚାରିବାରୁ ସେ କହିଥିଲେ ଯେ,ବସନ୍ତ ପୁର ଠାରେ ଥିବା ଏକ ପ୍ଲାଣ୍ଟ ର ସ୍ଲରୀ ପାଇପ ଲାଇନ୍ ଖୋଳା କାର୍ଯ୍ୟ ନଇବୁଗା ଅଞ୍ଚଳରେ ଚାଲିଛି । ନେଦୀକୋଟ ଠାରୁ ନଇ ବୁଗା ପର୍ଯ୍ୟନ୍ତ ଖୋଳା ଯାଉଥିବା ଏହି ପାଇପ ଲାଇନ୍ ର କାମ ଚାଲିଥିବା ବେଳେ ନଇ଼ୁଗା ଠାରେ ଥିବା ବନ ବିଭାଗ ଦ୍ୱାରା ଲଗାଯାଇଥିବା ଗଛ କୁ ସଂପୃକ୍ତ କମ୍ପାନୀ ମେସିନ ଦ୍ୱାରା କାଟି ଦେଇଥିବା ଅଭିଯୋଗ ହୋଇଥିଲା ।ଡି ଏଫ୍ ଓ ଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ରେଞ୍ଜର ଏସିଏଫ୍ ଅକ୍ଷୟ କୁମାର ଛତ୍ରିଆ ଘଟଣାସ୍ଥଳ ରେ ପହଂଚି ଏହାର ବିଧିବଦ୍ଧ ଯାଞ୍ଚ କରିଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ,ପ୍ରାୟ ୧୨ ହେକ୍ଟର ରୁ ଅଧିକ ଜଙ୍ଗଲ ଜମି କୁ ଅଣ ଜଙ୍ଗଲ ଜମିରେ ରୂପାନ୍ତରିତ କରାଯାଇଛି ।ତେବେ ଲ୍ୟାଣ୍ଡ ୟୁଜ ପେଟର୍ନ ରେ ସଂପୃକ୍ତ ସ୍ଲରି କମ୍ପାନୀ ଅନିୟମିତତା କରିଥିବା ହେତୁ ବନ ବିଭାଗ ଏହାର ତଦନ୍ତ କରୁଥିବା ଜୈନେକ ବନ କର୍ମଚାରୀ ନାମକୁ ଗୋପନରେ ରଖି ଏହି ସୂଚନା ଦେଇଛନ୍ତି ।ସଂପୃକ୍ତ କମ୍ପାନୀ ର କୌଣସି ମତାମତ ମିଳି ପାରି ନାହିଁ ।

# ଆଇସେକ୍ଟ ଏଆଇ ସ୍ୱାକ୍ଷରତା ମିଶନ କାର୍ଯ୍ୟକ୍ରମ




ଦଶପଲ୍ଲା ୧୯/୧୦(ମହାଭାରତ): ଆଇସେକ୍ଟ ଓଡ଼ିଶା ଶାଖା ଏବଂ ଡିଟାଲ ଓଡ଼ିଶା ଦଶପଲ୍ଲା ଶାଖା ର ମିଳିତ ଉଦ୍ୟମରେ କୌଶଳ ବିକାଶ ଯାତ୍ରା ଏବଂ ଏଆଇ ସ୍ୱାକ୍ଷରତା ମିଶନ ସରକାରୀ ଡ଼ିଗ୍ରୀ ମହାବିଦ୍ୟାଳୟ.ଦଶପଲ୍ଲା ଠାରେ ସଫଳତାର ସହ ଆୟୋଜିତ ହୋଇଥିଲା। ଦେଶର ଅଗ୍ରଣୀ ଦକ୍ଷତା ଏବଂ ଉଚ୍ଚଶିକ୍ଷା ସଂଗଠନ ଆଇସେକ୍ଟ ଦ୍ୱାରା ଆୟୋଜିତ କୌଶଳ ବିକାଶ ଯାତ୍ରା ୨୦୨୫ ସଫଳତାର ସହ ଆରମ୍ଭ ହୋଇଅଛି। ୬ ଅକ୍ଟୋବର ୨୦୨୫ ରୁ ଆରମ୍ଭ ହୋଇଥିବାବେଳେ ଏହି ଯାତ୍ରା ୨୦ ଟି ରାଜ୍ୟର ୩୦୦ ଟି ଜିଲ୍ଲାର ୫୦୦ ରୁ ଉର୍ଦ୍ଧ୍ୱ ସ୍କୁଲ, କଲେଜ ଏବଂ ଶିକ୍ଷାନୁଷ୍ଠାନରେ ପହଞ୍ଚି ବହୁଳ ସଂଖ୍ୟାରେ ଛାତ୍ର ଛାତ୍ରୀ ମାନଙ୍କର ଦକ୍ଷତା ବିକାଶ ଏବଂ ଭବିଷ୍ୟତ ପ୍ରଯୁକ୍ତିବିଦ୍ୟା ବିଷୟରେ ଆଲୋଚନା କରୁଛନ୍ତି। ଯାତ୍ରା ସମୟରେ ମାଗଣା ଏଆଇ ସେମିନାର, କର୍ମଶାଳା, କ୍ୟାରିଅର ପରାମର୍ଶ ଅଧିବେଶନ ଏବଂ ବୈଷୟିକ ପ୍ରଦର୍ଶନ ଆୟୋଜନ କରାଯାଇଥିଲା। ଆଇସେକ୍ଟ ମୁଖପାତ୍ର ଶ୍ରୀ ସନ୍ତୋଷ ଚୋବେ କହିଛନ୍ତି, "ଦକ୍ଷତା ବିକାଶ ଯାତ୍ରା ୨୦୨୫ କେବଳ ଏକ ଶିକ୍ଷାଗତ ଅଭିଯାନ ନୁହେଁ, ବରଂ ଯୁବପିଢ଼ିଙ୍କୁ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ସହିତ ସଂଯୋଗ କରିବା, ନିଯୁକ୍ତି-ମୁଖୀ ଶିକ୍ଷା ପ୍ରଦାନ କରିବା ଏବଂ ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ଏକ ପଦକ୍ଷେପ। ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣପ୍ରିୟା ଡ଼ିଗ୍ରୀ ମହାବିଦ୍ୟାଳୟ କଲେଜର ଅଧାଖ୍ୟ ଶ୍ରୀମତି ପୂର୍ଣ୍ଣମାସୀ ଦେବୀ ଏବଂ ଆଇସେକଟ କେନ୍ଦ୍ର ପରିଚାଳକ ଶ୍ରୀଯୁକ୍ତ ଅଜୟ କୁମାର ଦାସ, ଉପସ୍ଥିତ ରହି ଆଇସେକ୍ଟ ଓଡ଼ିଶା ପ୍ରକଳ୍ପ ପରିଚାଳକ ଶ୍ରୀଯୁକ୍ତ ନୀଳାଦ୍ରି ମହାରଣା,ସୁଧାଂଶୁ ରଞ୍ଜନ ନାୟକ ଏବଂ ଅଭିଷେକ ପ୍ରଧାନ ଙ୍କ ଏପରି ପ୍ରୟାସ କୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ଏଆଇ ସାକ୍ଷରତା ମିଶନ ଏବଂ ଦକ୍ଷତା ବିକାଶ ଯାତ୍ରା ଯୁବ ପିଢ଼ି ଙ୍କ ପାଇଁ ମାର୍ଗଦର୍ଶକ ଏବଂ ନିଯୁକ୍ତି-ମୁଖୀ ପଦକ୍ଷେପ। ଆଇସେକ୍ଟ ଭବିଷ୍ୟତରେ ଭାରତର ପ୍ରତ୍ୟେକ ଯୁବକ ଯୁବତୀ ଙ୍କୁ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ସହିତ ସଶକ୍ତ କରିବା ଏହାର ଲକ୍ଷ୍ୟ।

# ଅସ୍ତିତ୍ୱ ହରଉଚି ମାଟି ଦୀପ, କମୁଚି ଚାହିଦା

କେନ୍ଦୁଝର, (ମହାଭାରତ) : ସାଧାରଣତଃ ଆଲୋକର ପର୍ବ ଦୀପାବଳୀ ଆସିଲେ ସମସ୍ତଙ୍କର ଦରକାର ପଡିଥାଏ ମାଟିଦୀପ । ପରିବାର ତଥା ଜ୍ଞାତି କୁଟୁମ୍ବଙ୍କ ମଙ୍ଗଳ କାମନା ସହ ନାକାରାତ୍ମକ ଶକ୍ତି କୁ ଦୂର କରିବାପାଇଁ ଘର ବାହାର ସବୁଆଡେ ଜଳାଯାଏ ଏହି ମାଟିଦୀପ । କୁମ୍ଭାର ମଧ ଦିପଇସା ଲାଭ ପାଇ ପରିବାର ପ୍ରତିପୋଷଣ ପାଇଁ ଦିନରାତି ପରିଶ୍ରମ କରି ଗଢିଥାଏ ଏହି ମାଟି ଦୀପ ସବୁ । ଯାହାକୁ ନେଇ ସମସ୍ତଙ୍କ ଘର ସାମ୍ନାରେ ଅବା ଅଗଣା ରେ ଜଳାଯିବା ଦ୍ୱାରା ପରିବେଶ ଦେବମୟ ହୋଇଉଠିଥାଏ । କିନ୍ତୁ ଧିରେ ଧିରେ ନିଜର ଅସ୍ତିତ୍ୱ ହରାଉଛି ଏହି ମାଟିଦୀପ । ବଜାରରେ ବଙ୍ଗୀୟ ଦୀପ ର ଚାହିଦା ବୃଦ୍ଧିପାଇବାରେ ଲାଗିଛି।ଏହାର ସୁନ୍ଦର କାରୁକାର୍ଯ୍ୟ ଗ୍ରାହକ ମାନଙ୍କୁ ଆକୃଷ୍ଟ କରୁଥିବାରୁ ଧିରେ ଧିରେ ମାଟିଦୀପର ଚାହିଦା କମିବାରେ ଲାଗିଛି



। ଯାହାକୁ ନେଇ ଏବେ ଚିନ୍ତାରେ ଅଛନ୍ତି କୁମ୍ଭାର କୂଳ । ଏତେ ପରିଶ୍ରମ ସତ୍ତ୍ୱେ ବିକ୍ରି କମିବାରୁ ସେମାନେ ବାଧହୋଇ ଶସ୍ତା ଦାମରେ ବିକୁଛନ୍ତି ଯାହାଫଳରେ ତାଙ୍କୁ ତାଙ୍କର ନ୍ୟାର୍ଯ୍ୟ ପ୍ରାପ୍ୟ ମିଳି ପାରୁନାହିଁ। ଯାହାଫଳରେ କୂଳ ବ୍ୟବସାୟ ରେ ପରିଶ୍ରମ ଅନୁସାରେ ଫଳ ନ ମିଳିବାରୁ ସେମାନେ ପରିବାର ପ୍ରତିପୋଷଣ ପାଇଁ ଧିରେ ଧିରେ ତାଙ୍କର କୌଳିକ ବୃତ୍ତି ଛାଡିବା ପାଇଁ ବାଧ୍ୟ ହେଉଛନ୍ତି। ଏପରି ହେଲେ ମାଟିଦୀପ ମିଳିବା ସ୍ୱପ୍ନ ପାଲଟିଯିବ । ମାଟି ଦୀପ ବଦଳରେ ବ୍ୟବହାର କରାଯାଉଥିବା ମହମବତୀ ପରିବେଶକୁ ଦୁଶିତ କରୁଛି। ଏହାଛଡା ବଜାର ରେ ରଙ୍ଗ ବେରଙ୍ଗ ର ଆଲୋକ ମାଳାର ଚାହିଦା ବଢିବାରେ ଲାଗିଛି। ବର୍ତ୍ତମାନ ସମୟରେ ଲୋକମାନେ ପାସାତ୍ୟାଭିମୁଖୀ ହୋଇ ଏହି ଆଲୋକର ପର୍ବ ଦୀପାବଳୀ ରେ ଦୀପ ନଜାଳଇ ରଙ୍ଗ ବେରଙ୍ଗର ଆଲୋକ ମାଳାରେ ଘର ସଜାଉଚନ୍ତି। ଯେଉଁଠାରେ ଦିନେ ଘର ସାମ୍ନାରେ ଓ ଅଗଣାରେ ଦୀପ ଜଳାଯାଉଥିଲା ସେଠାରେ ଆଜି ଶୋଭା ପାଉଛି ଆଲୋକମାଳା । ଯାହାକି ସିଧାସଳଖ ପ୍ରଭାବିତ କରୁଛି କୁମ୍ଭାର ସମ୍ପ୍ରଦାୟର କୌଳିକ ବ୍ୟବସାୟ ଉପରେ ଆଉ ମାଟିଦୀପ ଖୋଜୁଛି ନିଜର ଅସ୍ତିତ୍ୱ । ଯଦି ଆଜିର ସମାଜ ପାସାତ୍ୟକୁ ନଆପଣେଇ ପୁଣି ଏଇ ମାଟି ଦୀପର ବ୍ୟବହାର କରନ୍ତେ ତେବେ ଏହି ମାଟିଦୀପ ତାର ସ୍ଥିତି ଫେରି ପାଆନ୍ତା ବୋଲି ବୁଦ୍ଧିଯିବି ମହଲରେ ଚର୍ଚ୍ଚା ହେଉଛି।

# ଅଞ୍ଚଳଗୁମା ଠାରେ ଗରଡ଼ା ପରିବାର ସଂଗଠନ ପ୍ରସ୍ତୁତି ବୈଠକ




ନବରଙ୍ଗପୁର, (ମହାଭାରତ): ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମା ଠାରେ ଗରଡ଼ା ପରିବାର ସଂଗଠନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ନବରଙ୍ଗପୁର ଜିଲ୍ଲାର ୪୭ଟି ଗ୍ରାମର ଗରଡ଼ା ପରିବାରର ସଦସ୍ୟସଦସ୍ୟା ଉପସ୍ଥିତ ରହିଥିଲେ। ସଂଗଠନର ମୂଖ୍ୟ ଉଦ୍ଦେଶ୍ୟ ହେଲା ପରିବାରର ଏକତ୍ରିକରଣ ତଥା ଗରଡା ବଂଶଜଙ୍କ ମଧ୍ୟରେ ହେଉଥିବା ଦୂରତାକୁ ପରସ୍ପର ସମ୍ପର୍କ ମଧ୍ୟରେ ବାନ୍ଧି ରଖିବା। ଯାହା ଆଗାମୀ ପିଢୀଙ୍କ ପାଇଁ ପ୍ରେରଣା ହେବ ବୋଲି ପରିବାର ପକ୍ଷରୁ କୁହାଯାଇଥିଲା। ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତୁତି ବୈଠକରେ ସଭାପତି,ଉପ ସଭାପତି, ସମ୍ପାଦକ,କୋଷାଧକ୍ଷ,ପରିଚାଳନା କମିଟି,ଭଲ୍ୟୁଣ୍ଟିୟର, ବିଜ୍ଞାପନ ଓ ପ୍ରସାରଣ ମୁଖ୍ୟ,ମହିଳା ସଂସ୍କାର କମିଟି ବୈଠକରେ ଚୟନ କରାଯାଇଥିଲା। ଉକ୍ତ ବୈଠକରେ ସଙ୍ଗଠନର ପରାମର୍ଶଦାତା ଜୟ କୁମାର ଗରଡ଼ା,ରବିନ୍ଦ୍ର ଗରଡ଼ା ଏବଂ ନବରଙ୍ଗପୁର ଜିଲ୍ଲାର ୪୭ଟି ଗ୍ରାମର ଗରଡ଼ା ପରିବାର ସଦସ୍ୟସଦସ୍ୟାଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଜିଲ୍ଲାର ଗରଡ଼ା ବଂଶର ସଭାପତି ଭାବେ କୃପାପାତ୍ର ଗରଡ଼ା ଏବଂ ଗରଡ଼ା ପରିବାର ସଂଗଠନର ସଭାପତି ଗରା ଗରଡ଼ା,ଉପ ସଭାପତି ଶ୍ରୀଧର ଗରଡ଼ା,ସମ୍ପାଦକ ଶାନ୍ତନୁ ଗରଡ଼ା,ସହ ସମ୍ପାଦକ ପୁରୁଷତ୍ତୋମ ଗରଡ଼ା,ସୁରେଶ ସୁରି ଗରଡ଼ା,କୋଷାଧକ୍ଷ କୃଷ୍ଣଚନ୍ଦ୍ର ଗରଡ଼ା,ରବିନ୍ଦ୍ର ଗରଡ଼ା ଏବଂ ୧୩ ଜଣିଆ ପରିଚାଳନା କମିଟି ଗଠିତ ହୋଇଥିଲା। ପରିବାର ମଧ୍ୟରେ ମହିଳା ସଂସ୍କାରକୁ ସୁଦୃଢ଼ କରିବା ପାଇଁ ସଂସ୍କାର କମିଟି ମଧ୍ୟ ଗଠିତ ହୋଇଥିଲା। ଏହା ପରିବାରର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହମତି କ୍ରମେ ଚୟନ କରାଯାଇଥିଲା। ପୂର୍ବଜଙ୍କ ସଂସ୍କାର ଓ ରୀତିନୀତିକୁ ଅନୁସରଣ କରି ଆଗାମୀ ପିଢୀଙ୍କୁ ଗରଡ଼ା ପରିବାରର ଶିକ୍ଷା ଦିଆଯିବା ସହିତ ପରିବାର ଆର୍ଥିକ ସୁଧାର, ସାହାଯ୍ୟ ସହଯୋଗ,ସୁଖ ଦୁଃଖ ବିଷୟ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳୀ ଗରଡା, ସୁଶିଳା ଗରଡା,ପ୍ରିୟା ଗରଡା,ଦିପାଞ୍ଜଳୀ ଗରଡା,ଚିତ୍ରସେନ ଗରଡା,ସୁବାଷ ଚନ୍ଦ୍ର ଗରଡା,ତ୍ରିନାଥ ଗରଡା, ଧନେଶ୍ୱର ଗରଡା ପ୍ରମୂଖ ଉପସ୍ଥିତ ରହିଥିଲେ।

# ଗାୟତ୍ରୀ ଶକ୍ତିପୀଠରେ କନ୍ୟା କୌଶଳ ପ୍ରଶିକ୍ଷଣ ଶିବିର

କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜଗନ୍ନାଥପୁର ସ୍ଥିତ ଗାୟତ୍ରୀ ଶକ୍ତିପୀଠ ପରିସରରେ ଆଜି ଏକ କନ୍ୟା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ବିଭିନ୍ନ ସ୍କୁଲ କଲେଜର ଶତାଧିକ ଛାତ୍ରୀ ଯୋଗଦେଇ ବିଭିନ୍ନ କୌଶଳ ପ୍ରଶିକ୍ଷଣ ଶିଖିଥିଲେ। ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ର ନିର୍ଦ୍ଦେଶ କ୍ରମେ ମାନବ ସମାଜର ଶାନ୍ତି ପ୍ରତିଷ୍ଠା ଓ ମଣିଷ ମନରେ ଥିବା କୁବିଚାରକୁ ଜାଗରଣ ସୃଷ୍ଟିକରି ସୁବିଚାରରେ ପରିବର୍ତ୍ତନ କରିବା ପାଇଁ ତଥା ପରମପୂଜ୍ୟ ଗୁରୁଦେବ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ପରମ ବନ୍ଦନୀୟା ମାତାଜୀ ଭଗବତୀ ଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ କରିବା ପାଇଁ ଏହି କାର୍ଯ୍ୟକ୍ରମ କରା ଯାଇଥିବା ଗାୟତ୍ରୀ ଶକ୍ତିପୀଠର ଜିଲା ସଂଯୋଜକ ଶ୍ରୀ ରମେଶ ଚନ୍ଦ୍ର ମିଶ୍ର କହିଛନ୍ତି। ଏହି ଅବସରରେ କନ୍ୟା ମାନଙ୍କ ଭିତରେ ଆଧାତ୍ମିକ ଚିନ୍ତନ ମାଧ୍ୟମରେ ଏକ ସୁରକ୍ଷିତ ବାତାବରଣ ସୃଷ୍ଟି କରିବା ଲକ୍ଷ ନେଇ ସେମାନଙ୍କ ଭିତରେ ଅନ୍ତର୍ନିହିତ ଜ୍ଞାନର ପରିପ୍ରକାଶ କରାଯାଇଥିଲା। ଆଜିର ଆଧୁନିକ ସମାଜରେ କିପରି ଝିଅ ମାନେ ନିଜର ଆତ୍ମରକ୍ଷା କରିପାରିବେ ତଥା କିପରି ଆଜିର କଳୁଷିତ ସମାଜରେ ନିଜକୁ ଚାରିତ୍ରାବାନ କରି ଗଢି ତୋଳିବେ ସେ ବିଷୟରେ ପ୍ରଶିକ୍ଷଣ ଦିଆ ଯାଇଥିଲା।

# ବୈରାଟପୁର ପ୍ରିମିଅର ଲିଗ ପାଇଁ ସରିଲା ନିଲାମୀ ପ୍ରକ୍ରିୟା




ଉଦଳା, (ମହାଭାରତ): ନଭେମ୍ବର ୫ ରୁ ଆରମ୍ଭ ହେବ ବୈରାଟପୁର ପ୍ରିମିଓର ଲିଗ ସିଜିନ ୧। ପ୍ରିମିଓର ଲିଗ ପାଇଁ ଚୂଡାନ୍ତ ବୈଠକ ଶେଷ ପରେ ଆଜି ଖେଳାଳି ନିଲାମୀ ପ୍ରକ୍ରିୟା ବୈରାଟପୁର ହାଇସ୍କୁଲ ଠାରେ ଶେଷ ହୋଇଯାଇଛି । ନଭେମ୍ବର ୫ ରୁ ଏହି ଲିଗ ଆରମ୍ଭ ହୋଇ ନଭେମ୍ବର ୧୬ ରେ ଶେଷ ହେବ । ତେବେ ଏହି ପ୍ରିମିଓର ଲିଗ ରେ ମୋଟ ଛଅ ଗାଟି ଫ୍ରାଞ୍ଚାଇଜ୍ ଟିମ ନେଇଥିବା ବେଳେ ଉଦଳା ବ୍ଲକ ର ୧୨ ଗୋଟି ପଞ୍ଚାୟତ ର ଗ୍ରାମାଞ୍ଚଳ କ୍ରିକେଟ ଖେଳାଳି ଖେଳିବା ସହ ଯିବିନଗର ବ୍ଲକ ର ୬ ଗୋଟି ପଞ୍ଚାୟତ ର କ୍ରିକେଟ ଖେଳାଳି ଏହି ପ୍ରିମିଓର ଲିଗ ଟୁର୍ନାମେଣ୍ଟ ରେ ଅଂଶଗ୍ରହଣ କରିବେ । ଆଜି ବୈରାଟପୁର ପ୍ରିମିଓର ଲିଗ ପାଇଁ ଖେଳାଳି ନିଲାମୀ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ମୋଟ ୧୨୦ ଟି ଫର୍ମ ପଡିଥିଲା । ଯାହାକି ଗୋଟେ ଫ୍ରାଞ୍ଚାଇଜ୍ ୫ ହଜାର ଟଙ୍କା ଭିତରେ ୧୫ ଗାଟି ଖେଳାଳି ନିଜ ଟିମ କୁ ନେଇଥିବା ବେଳେ ପ୍ରିମିଓର ଲିଗ ର ଦାମୀ ଖେଳାଳି ଭାବେ ବିବେଚିତ ହୋଇଛନ୍ତି ଭବାନୀ ଶଙ୍କର ପାତ୍ର । ଯାହାକି ରାଜ ଫାଇଟର ପକ୍ଷରୁ ୨୨୦୦ ଟଙ୍କା ରେ କିଣିଥିଲେ ରାଜ ଫାଇଟର ଟିମ ର ମାଲିକ । ଏହି ନିଲାମୀ ରେ ସମସ୍ତ ଟିମ ର ମାଲିକ, ଆଇକୋନ ଖେଳାଳି ଙ୍କ ସହ ଆୟୋଜକ ଙ୍କ ପ୍ରତିନିଧି ଯୋଗ ଦେଇଥିଲେ । ଚଳିତ ବର୍ଷ ପ୍ରଥମ ଥର ଏହି ପ୍ରିମିଓର ଲିଗ ଆରମ୍ଭ ହୋଉଥିବା ବେଳେ ଆଇପିଏଲ ଢାଞ୍ଚା ରେ ଏହି ଖେଳ ଖେଳାଯିବ ବୋଲି ବୈରାଟପୁର ପ୍ରିମିଓର ଲିଗ ର ସଭାପତି ଆମର୍ଜିତ ତ୍ରିପାଠୀ ପ୍ରକାଶ କରିଥିଲେ । ତେବେ ପ୍ରିମିଓର ଲିଗ ସମୟ ରେ କେମିତି ଖେଳ କୁ ଶାନ୍ତି ଶୃଙ୍ଖଳକ୍ଷ ର ସହ ସମାପ୍ତ କରିହେବ ସେଇଥିନେଇ ସମସ୍ତ ମାଷ୍ଟର ପ୍ଲାନ କରାଯିବ ବୋଲି ବୈରାଟପୁର ପ୍ରିମିଓର ଲିଗ ର ସମ୍ପାଦକ ଗୋଲୋକ ମହାପାତ୍ର ସୂଚନା ଦେଇଛନ୍ତି । ତେବେ ଗ୍ରାମାଞ୍ଚଳ ର କ୍ରୀଡା ର ବିକାଶ ତଥା ପଞ୍ଚାୟତ ର ଯୁବକ ମାନଙ୍କ ଭିତରେ ଭାଇଚାରା କେମିତି ବଢିବ ତା ସହ ବ୍ଲକ ଅଧିନ ରେ ଥିବା ପଞ୍ଚାୟତ ମାନଙ୍କ ରେ କେମିତି ଭଲ ଖେଳାଳି ଚୟନ ହୋଇ ଜିଲ୍ଲା ସ୍ତର ରେ ଖେଳିବାକୁ ସୁଯୋଗ ପାଇବେ ଏହାହିଁ ପ୍ରିମିଓର ଲିଗ ର ମୂଳ ଲକ୍ଷ୍ୟ ବୋଲି ପ୍ରିମିଓର ଲିଗ ର ଉପଦେଷ୍ଟା ଦୀପକ ମିଶ୍ର ପ୍ରକାଶ କରିଥିଲେ । ଆଜିର କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବୈରାଟପୁର କ୍ରିକେଟ କ୍ଲବ ର ବରିଷ୍ଠ ଉପଦେଷ୍ଟା ସ୍ୱରୂପ ମହାପାତ୍ର, ମୁକେଶ ରଣା, ଯୋଗେଶ ବେହେରା, ହିମାଂଶୁ ବେହେରା, ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇ ଫ୍ରାଞ୍ଚାଇଜ୍ ମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ତୁଷାର ଙ୍କ ନେତୃତ୍ୱ ରେ ବିଜେଡିର ପଦଯାତ୍ରା




କାକଟପୁର( ମହାଭାରତ) : ଅକ୍ଟୋବର ୯ ତାରିଖ ରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ବିଜୁଜନତା ଦଳ ର ଜନ ସମ୍ପର୍କ ପଦଯାତ୍ରା ବିଭିନ୍ନ ନିର୍ବାଚନ ମଣ୍ଡଳୀ ରେ ଅନୁଷ୍ଠିତ ହୋଇଥିବା ବେଳେ କାକଟପୁର ରେ କାକଟପୁର ବିଧାୟକ ତଥା ପୂର୍ବତନ ଗୃହ ରାଷ୍ଟ୍ରମନ୍ତ୍ରୀ ଙ୍କ ନେତୃତ୍ୱ କାକଟପୁର ପଞ୍ଚାୟତ ରେ ବିଶାଳ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି, ବିଧାୟକ ତୁଷାରକାନ୍ତି ବେହେରା କାକଟପୁର ମା ମଙ୍ଗଳା ଙ୍କ ପୀଠ ରେ ପହଞ୍ଚି ମା ଙ୍କ ନିକଟରେ ପୂଜା କରି ଆଶୀର୍ବାଦ ନେବା ପରେ ସେଠୁ କାକଟପୁର ବିଜେଡି ସମର୍ଥିତ ସରପଞ୍ଚ ଅଭୟ ସେଠି, ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, ଅନେକ ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ, ତୁଷାର ଙ୍କ ନେତୃତ୍ୱ ରେ ଶତାଧିକ ମହିଳା ପୁରୁଷ ବିଜୁଜନତା ଦଳ ସମର୍ଥିତ କର୍ମୀ ଏକତ୍ରିତ ହୋଇ ମା ମଙ୍ଗଳା ମନ୍ଦିର ବାହାରି ବିଭିନ୍ନ ଗ୍ରାମାଞ୍ଚଳ ପରିକ୍ରମା କରି ଶେଷ ରେ ସୋମେଶ୍ୱର ଶୈବ ପୀଠ ରେ ପଦଯାତ୍ରା ଶେଷ ହୋଇଥିଲା,ବିଧାୟକ ତୁଷାର କାନ୍ତି ବେହେରା ଙ୍କ ନେତୃତ୍ୱ ରେ ବିଜେଡି ର ସମର୍ଥିତ କର୍ମୀ ମହିଳା ଙ୍କୁ ଏକତ୍ରିତ ଦେଖି ବିରୋଧୀ ଶିବିର ରେ ଚର୍ଚ୍ଚା ଯୋର ଧରିଛି।

## ଛଅ ବର୍ଷ ପରେ ବସିଲା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପରିଚାଳନା ପରିଷଦ ବୈଠକ

# ଜିଲ୍ଲାରେ ବଢ଼ିବ ଶଯ୍ୟା ସଂଖ୍ୟା, କାର୍ଯ୍ୟକ୍ଷମ ହେବ ଆଇସିୟୁ




ନୟାଗଡ଼, ( ମହାଭାରତ ) : ୨୦୧୯ ମସିହା ଜୁଲାଇ ମାସ ପରେ ଆଜି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ୬ ବର୍ଷ ପରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷ ଇଂ, ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନାଲ ଅଗ୍ରୱାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସାକାରୀ ଡା ସୁଶାନ୍ତ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ରହିଥିଲେ। ନୟାଗଡ଼ ଜିଲ୍ଲାରେ ରହିଥିବା ସମସ୍ତ ଚିକିତ୍ସାଳୟରେ ଶଯ୍ୟା ସଂଖ୍ୟା ବୃଦ୍ଧିକୁ ନେଇ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମେଡିସିନ୍ ୱାର୍ଡ ଶଯ୍ୟା ସଂଖ୍ୟା ବୃଦ୍ଧି ସହ ଜିଲ୍ଲାର ସମସ୍ତ ସିଏଚସି ଶଯ୍ୟା ସଂଖ୍ୟା ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସିଏଚସି ଗୁଡ଼ିକରେ ସର୍ବନିମ୍ନ ୩୦ ଶଯ୍ୟା ରହିବ ଏବଂ ଆବଶ୍ୟକ ସ୍ଥାନରେ ଅଧିକ ଶଯ୍ୟା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଯିବ ବୋଲି ଜିଲ୍ଲାପାଳ କହିଥିଲେ। ସେହିଭଳି ଭାବେ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ପାଇଁ ରହିଥିବା ମାନବ ସମ୍ବଳ ସମସ୍ୟାକୁ ଦୂର କରିବା ପାଇଁ ଜିଲ୍ଲାପାଳ ଆଲୋଚନା କରିଥିଲେ। ଖାଲି ଥିବା ୧୩୩ ନର୍ସ ପଦ ପୂରଣ କରାଯିବା ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯିବାକୁ ଆଲୋଚନା ହୋଇଛି। ଏହା ସହିତ ସିକ୍ୟୁରିଟି ବ୍ୟବସ୍ଥାକୁ ନେଇ ଜିଲ୍ଲା ପରିଷଦ ଅଧକ୍ଷ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ ସ୍ଥାନରେ ଡାକ୍ତର ଖାନା ଗୁଡ଼ିକର ସାଧାରଣ ସମସ୍ୟା ଦୂର କରିବାକୁ ମାସ ମାସ ସମୟ ଲାଗୁଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ନୟାଗଡ଼ ଜିଲ୍ଲାରେ ଆୟୁର୍ବେଦ ଚିକିତ୍ସାଳୟ ଗୁଡ଼ିକ ସମ୍ପର୍କରେ ଆଲୋଚନା ସମୟରେ ୧୫ଟି ଡାକ୍ତରଖାନାକୁ ୧୦ଜଣ ଡାକ୍ତର ରହିଥିବା ଆୟୁର୍ବେଦ ମେଡିକାଲ୍ ଅଫିସର ସୂଚନା ଦେଇଥିଲେ। ହୋମିଓପାଥିକ ଚିକିତ୍ସା ବିଷୟ ଆଲୋଚନା ସମୟରେ ମେଡିକାଲ ଅଫିସର ଭବାନୀ ଶଙ୍କର ନାୟକ ସଠିକ ସୂଚନା ପ୍ରଦାନ ନକରିବାକୁ ନେଇ ଜିଲ୍ଲାପାଳ ଭୀଷଣ କ୍ଷୋଭ ପ୍ରକାଶ କରିଥିଲେ। ହୋମିଓପାଥିକ ଚିକିତ୍ସାଳୟରେ ତଳିଆ କର୍ମଚାରୀ ମନଇଚ୍ଛା ଔଷଧ ବିତରଣ କରିବା, ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଥିବା ହୋମିଓପାଥିକ ଚିକିତ୍ସାଳୟ ଗୁଡ଼ିକ ସଠିକ ଭାବେ ଖୋଲା ନଯିବାକୁ ନେଇ ତାଗିଦ୍ କରିଥିଲେୟ ପ୍ରସ୍ତୁତ ହୋଇ ଆସିନଥିବାରୁ ମେଡିକାଲ ଅଫିସରଙ୍କୁ ବୈଠକରୁ ଚାଲିଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ଟି ଆଇସିୟୁ ବେଡ୍ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସିଡିଏମ୍ଓ କହିଥିଲେ। ଏହା ସହିତ ଏଆଇ ମାଧ୍ୟମରେ ଚିକିତ୍ସା ବ୍ୟବସ୍ଥା ନେଇ ସୂଚନା ପ୍ରଦାନ କରିଥିଲେ। ଗଣିଆରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ଅନୁମୋଦନ ପାଇଁ ପଠାଯାଇଥିବା ସିଡିଏମ୍ଓ ସୂଚନା ଦେଇଥିଲେ। ଭାପୁର ମେଡିକାଲ ଅଫିସର ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ଆବଶ୍ୟକତା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବାରମ୍ବାର ଚିଠି କରାଯାଇଥିଲେ ବି ଅଣଦେଖା କରୁଥିବା ସିଡିଏମଓ କହିଥିଲେ। ଏହା ସହିତ ଶରଣକୁଳରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ରୋଗୀ କଲ୍ୟାଣ ସମିତି ବୈଠକ ସଠିକ ଭାବେ ବସୁନଥିବାରୁ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆରୋଗ୍ୟ ଚିକିତ୍ସା ଶିବିର ଆୟୋଜନ କାଗଜପତ୍ରରେ ସୀମିତ ନରଖି ଲୋକଙ୍କୁ ସଠିକ୍ ସେବା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେୟ ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ନିର୍ମାଣ ବିଭାଗ ଓ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମୀ ଗୁଡ଼ିକ ଉପରେ ଜିଲ୍ଲା ପରିଷଦ ଅଧକ୍ଷ ଆଲୋଚନା କରିଥିଲେ। କାମ କିଭଳି ୍ବରାନ୍ୱିତ ହେବ, ସେ ନେଇ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।ଏହି ବୈଠକରେ ମେଡିକାଲ ଅଫିସର୍, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ଝିଅକୁ ଅସଦାଚରଣ କରିବାରୁ ଯୁବକଙ୍କୁ ନିର୍ମମ ହତ୍ୟା କଲା ବାପା

ପରଜଙ୍ଗ – (ମହାଭାରତ) ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରା ଘାଟି ଫାଣ୍ଡି ଆଖୁଆପାଳ ପଂଚାୟତ ମୋହନ ପଶି ଗ୍ରାମରେ ,ଝିଅକୁ ଅସଦାଚରଣ କରିବାରୁ ଯୁବକଙ୍କୁ ନିର୍ମମ ହତ୍ୟା କଲା ବାପା। ଏବଂ ହତ୍ୟା ପରେ ଅଭିଯୁକ୍ତ ବାପା ଦଦରା ଘାଟି ଫାଣ୍ଡି ନିକଟରେ ଆତ୍ମସମର୍ପଣ କରିଛି। ମୃତକ ଦଦରାଘାଟି ଫାଣ୍ଡି ଅଧିନସ୍ଥ ୧ନଂ କଲୋନୀ ଅଂଚଳର କରୁଣାକର ବେହେରାୟ ମୋହନପଶି ଗାଁର ରୂପା ପିଙ୍ଗୁଆ ଦଳବଦ୍ଧ ଭାବେ କରୁଣାକରଙ୍କୁ ପିଟି ପିଟି ହତ୍ୟା କରିବା ସହ ନିକଟସ୍ଥ ନାଳରେ ଫୋପାଡ଼ି ଦେଇଥିଲା। ଏବଂ ହତ୍ୟାକାଣ୍ଡର ଟିକି ନିକି ଘଟଣାକୁ ପୋଲିସ ଆଗରେ ସ୍ୱୀକାର ମଧ୍ୟ କରିଛ। ତେବେ ଝିଅକୁ ଅସଦାଚରଣ କରିବା ନେଇ ସହି ପାରିନଥିଲା ରୂପାୟ ଆଉ ଶେଷରେ ଜୀବନରୁ ମାରିଦେବା ପାଇଁ ରଚିଥିଲା ଷଡଯନ୍ତ୍ର। ଯାହାକୁ ନେଇ ପରଜଙ୍ଗ ପୋଲିସ ଅଭିଯୁକ୍ତକୁ ଅଟକ ରଖିବା ସହିତ ଅଧିକ ତଦନ୍ତ ଜାରି ରଖିଛି। ସେପଟେ ଘଟଣା ସ୍ଥଳରେ ଜିଲ୍ଲା ସାଇ□ଫିକ ଟିମ ପହ□ ତନାଘନା ଆରମ୍ଭ କରି ଦେଇଛି।

## ଶ୍ମସାନ ଯିବାକୁ ଶବ ଖୋଜୁଛି ରାସ୍ତା, ଉନ୍ନୟନ ମୂଳକ ଯୋଜନା ହୋଇଛି ବାଟ ବଣା



କୁନ୍ଦୁରା(ମହାଭାରତ )- ଶ୍ମସାନ ଯିବାକୁ ନାହିଁ ରାସ୍ତା, ଚାଷ ଜମି ଦେଇ ଖାଲଖୋମା ରାସ୍ତାରେ ଶବ ନେଉଛନ୍ତି ଗାଁ ଲୋକେ । ଏହି ଭଳି ଏକ ଅଭାବନିୟ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଦିଗାପୁର ପଂଚାୟତ ପୂଜାରୀପୁଟ ଗ୍ରାମ ଠାରେ । ଆଜି ଗାଁ ର ବୃଦ୍ଧ ଡମ୍ବୁରୁ ହରିଜନଙ୍କ ହୃଦଘାତରେ ମୃତ୍ୟୁ ଘିଟିଛି । ହେଲେ ମସାଣି କୁ ରାସ୍ତା ନ ଥିବା ଯୋଗୁଁ ଚାଷ ଜମି ଦେଇ ଖାଲଖୋମା ରାସ୍ତାରେ ଶବ ବୋହି ନେଉଛନ୍ତି ଗାଁ ଲୋକେ । ଗାଁ ଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଶ୍ମସାନ ଥିବା ବେଳେ କାନ୍ଧରେ ବହୁ କଷ୍ଟେରେ ବହି ଆଣୁଛନ୍ତି ଶବ କ୍ଷ ଏ କେବଳ ଆଜି ଗୋଟିଏ ଦିନର ଘଟଣା ନୁହଁ ଦଶନ୍ଧି ଦଶନ୍ଧି ଧରି ଏଭଳି ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ବହୁବାର ଦାବୀ କଲେ ବି ରାସ୍ତା ନିର୍ମାଣ ହେଉନାହିଁ । ଏଣୁ ଶ୍ମସାନକୁ ପକ୍କା ରାସ୍ତା ନିର୍ମାଣ ନ ହେଲେ ରାଜ ରାସ୍ତା କୁ ଓ୍ଵହ୍ଲେହେଇବେ ବୋଲି ଚେତାବନୀ ଦେଇଛନ୍ତି ନାଏବ ସରପଞ୍ଚ ଏବଂ ଗାଁ ଲୋକେ ।ଆଜିର ଏହି ଅଭାବନୀୟ ଘଟଣା କୁ ଦେଖିବା ପରେ ଏବଂ ଗ୍ରାମ ବାସୀଙ୍କ ଚେତାବନୀ ଶୁଣିବା ପରେ ଆମେ କୁନ୍ଦୁରା ବ୍ଲକ ଗୋଷ୍ଠୀ ଉଓୟନ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚାହିଁଥିଲୁ କିନ୍ତୁ ଗୋଷ୍ଠୀ ଉଓୟନ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନଥିଲା । ସ୍ଥାନୀୟ ସରପ□ ଓ ପିଇଓ ଙ୍କ ସହ ଯୋଗାଯୋଗ କରିବା ପରେ ସୂଚନା ପାଇଲୁ ଯେ - ପୂଜାରୀପୁଟ ଗ୍ରାମ ଠାରୁ ସ୍ମଶାନ କୁ ଯିବା ପାଇଁ ପ୍ରାୟ ୨ କିଲୋମିଟର ରାସ୍ତା ଯିବାକୁ ପଡୁଥିବା ବେଳେ ରାସ୍ତାରେ ବେସରକାରୀ ଚାଷ ଜମି ଯାହା ପଟ୍ଟା ଧାରୀଙ୍କ ଚାଷଜମି ରହିଛି ଯେଉଁଥିରେ ସରକାରୀ ଯଜନା ରେ ସ୍ମଶାନ କୁ ରାସ୍ତା ନିର୍ମାଣ କରିହେଉନାହିଁ ।ସ୍ମଶାନ କୁ ରାସ୍ତା ପାଇଁ ସ୍ଥାନୀୟ ଆରଆଇ ଙ୍କ ସହ ପରାମର୍ଶ କରି କୁନ୍ଦୁରା ତହସିଲଦାର ଙ୍କ ଜରିଆରେ ହିଁ କିଛି ବ୍ୟବସ୍ଥା କରାଯାଇପାରିବ ବୋଲି ସୂଚନା ମିଳିଥିଲା । ସୂଚନା ଥାଉ କି - ପୂଜାରୀପୁଟ ଗ୍ରାମ ଦିଗାପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହୋଇଥିବା ବେଳେ ଏହି ଗ୍ରାମ କୁନ୍ଦୁରା ଏବଂ ବୈପାରୀଗୁଡା ସୀମା ରେ ଅବସ୍ଥିତ । ଦିଗାପୁର ପଞ୍ଚାୟତ ଭଳି ଏକ ଆଦର୍ଶ ପଞ୍ଚାୟତ ରେ ପୂଜାରୀପୁଟ ଗ୍ରାମ ରହିଥିବା ସତ୍ତ୍ୱେ ଦୀର୍ଘ ବର୍ଷ ହେବ ଏହି ସମସ୍ୟା ରେ ପୂଜାରୀପୁଟ ଗ୍ରାମବାସୀ ଯୁଝି ହୋଇ ଚାଲିଛନ୍ତି । କିନ୍ତୁ କୌଣସି ସମାଧାନ ବାହାରି ପାରୁନାହିଁ। ବର୍ଷା ଦିନରେ ଗାଁରେ କେହି ମୃତ ହେଲେ ସ୍ମଶାନ କୁ ଯିବା ବହୁତ ଅସୁବିଧା ହେଉଛି । ଅଣ୍ଟାଏ ଅଣ୍ଟାଏ ପାଣି ଭିତରେ ପଶି ଶବ ସତ୍କାର ପାଇଁ ନେବାକୁ ପଡୁଛି ବୋଲି ଗ୍ରାମବାସୀ କହୁଛନ୍ତି ।ଏହି ସମସ୍ୟାକୁ କୁନ୍ଦୁରା ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟିକୁ ନେଇ କିଛି ସ୍ଥାୟୀ ସମାଧାନ ବାହାର କରିଲେ ପୂଜାରୀପୁଟ ଗ୍ରାମବାସୀ ଉପକୃତ ହେବେ ନଚେତ ଏହି ସମସ୍ୟା କୁ ନେଇ ଆଗାମୀ ଦିନରେ ବଡ଼ ଧରଣର ସମସ୍ୟା ଉପୁଜିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତ।

## ଖଣ୍ଡପଡା ବ୍ଲକରେ ବିଜେଡ଼ିର ବିଶାଳ ପଦଯାତ୍ରା





ଖଣ୍ଡପଡ଼ା, ( ମହାଭାରତ ) : ନୟାଗଡ଼ ଜିଲ୍ଲାର ଖଣ୍ଡପଡା ବ୍ଲକରେ ବିଜେଡ଼ିର ବିଶାଳ ପଦଯାତ୍ରା। ବିଜେପି ସରକାର ଦୁର୍ନୀତି ଭ୍ରଷ୍ଟାଚାର ଏବଂ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ବିଜେଡ଼ି ପକ୍ଷରୁ ଖଣ୍ଡପଡା ବ୍ଲକ ଖାଳିସାହିରେ ପଦଯାତ୍ରା କରି ଲୋକଙ୍କୁ ସଚେତନ କରାଯାଇଛି। ସ୍ଥାନୀୟ ବିଜେଡି ନେତା ତଥା ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ଖଣ୍ଡପଡା ବ୍ଲକ ଏବଂ ଏନ୍ଏସି ର ହଜାର ହଜାର ବିଜେଡ଼ି ସମର୍ଥକ ଏବଂ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ମଦରାଜପୁର ରୁ ଖଳିସାହି ପର୍ଯ୍ୟନ୍ତ ଲମ୍ବି ଥିଲା ପଦଯାତ୍ରା। ଏଥିରେ ଖଣ୍ଡପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନ ଏବଂ ଖଣ୍ଡପଡା ବ୍ଲକ ଅଧକ୍ଷା ଉପମା ବେହେରା, ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ରଣପୁର ପୂର୍ବ□ନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।ଏହି ପଦଯାତ୍ରାରେ ବିଜେଡି ନେତା ଏବଂ କର୍ମୀ ମାନେ ନବୀନ ପଟ୍ଟନାୟକ ଜିନ୍ଦାବାଦ ଏବଂ ମୋହନ ସରକାର ହାଏ ହାଏ ନାରା ଦେଇ ପ୍ରତିବାଦ ଜଣାଇଥିଲେ। ଖଣ୍ଡପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯାହା କିଛି ବିକାଶ ହୋଇଛି ତାହା ବିଜେଡ଼ି ସରକାର ସମୟରୟ ଏବେର ବିଜେପି ସରକାର କେବଳ ପୁରୁଣା ପ୍ରକଳ୍ପ ଉପରେ ରଙ୍ଗ ମାରି ନା ନେବା ପାଇଁ ଚେଷ୍ଟା କରୁଥିବା ବିଜେଡ଼ି ପକ୍ଷରୁ ଅଭିଯୋଗ କରାଯାଇଛ। ବିକାଶ ପରିବର୍ତ୍ତେ ଶାନ୍ତି ପ୍ରିୟ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଅଶାନ୍ତ କରୁଥିବା ବିଜେପି ସରକାରର ନେତା ଏବଂ କର୍ମୀ ସୃଷ୍ଟି କରୁଥିବା ବିଜେଡ଼ି ନେତା ମାନେ ଅଭିଯୋଗ କରିଛନ୍ତି। ଖଣ୍ଡପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦେଖା ଦେଉଥିବା ଦୁର୍ନୀତି ଭ୍ରଷ୍ଟାଚାର ଏବଂ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସୁଧାର ନ ଆସିଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ବିଜେଡ଼ି ପକ୍ଷରୁ ଜିଲ୍ଲା ପୋଲିସ ପ୍ରଶାସନଙ୍କୁ ଚେତାବନୀ ଦିଆଯାଇଛି। ଭାପୁର ଏବଂ ଖଣ୍ଡପଡା ବ୍ଲକରେ ଶାସକ ଦଳର ବିଧାୟକଙ୍କ ସମର୍ଥକ ମାନେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା ବିଜେଡ଼ି ପକ୍ଷରୁ ଅଭିଯୋଗ କରାଯାଇଛିୟ ଲୋକଙ୍କୁ ପାଣି ମିଳୁନି, ସ୍କୁଲରେ ଶିକ୍ଷକ ନାହାନ୍ତି, ମେଡିକାଲରେ ଡାକ୍ତର ନାହାନ୍ତି, ଚାକିରୀ କ୍ଷେତ୍ରରେ ନିଯୁକ୍ତି ଏବଂ ପରୀକ୍ଷାରେ ଅନ୍ୟମିତା ସରକାର ସମୟରେ ଦୁର୍ନୀତି ଭ୍ରଷ୍ଟାଚାର ଏବଂ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବଢ଼ି ଚାଲିଥିବା ଅଭିଯୋଗ କରିଛନ୍ତି ବିଜେଡ଼ିର ନେତା ମାନେ।

## ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା – ୨୦୨୫

ଗଜପତି(ମହାଭାରତ): ପାରଳାଖେମୁଣ୍ଡି ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା – ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୨୫ଟି ଦଳ ଅଂଶଗ୍ରହଣ କରି ନିଜର ନାଟକ ମାଧ୍ୟମରେ ବିଜ୍ଞାନର ସୃଜଶୀଳତା ଓ ବୈଜ୍ଞାନିକ ସମସ୍ୟାର ସମାଧାନ ବିଷୟରେ ନିଖୁଣ ଭାବେ ପ୍ରଦର୍ଶନ କରିଥଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ. ମାୟାଧର ସାହୁ ଯୋଗଦେଇ ନାଟକ ମାଧ୍ୟମରେ ଆମେ ବିଜ୍ଞାନକୁ ପ୍ରଚାର ପ୍ରସାର କରିପାରିବା ଏବଂ ଏହା ଯୁବପିଢି ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଏସ୍ ଗିରିଧର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ଆମ୍ପୋଲୁ ରବି କୁମାର , ପ୍ରଧାନ ଶିକ୍ଷକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ସ୍ଥାନୀୟ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଆଲୁମିନି ଶ୍ରୀ ଭାଗବତ ପାଢ଼ୀ ଯୋଗଦେଇ ବିଜେତା ଦଳଗୁଡିକୁ ପୁରସ୍କୃତ କରିଥିଲେ । ପ୍ରତିଯୋଗିତାରେ ପାରଳାଖେମୁଣ୍ଡି ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ , ଉଚ୍ଚ ବିଦ୍ୟାଳୟ ଗୁରାଣ୍ଡି ଦ୍ୱିତୀୟ ଓ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ଶ୍ରେଷ୍ଠ ନିର୍ଦ୍ଦେଶକ ଜେ.ପି.ଶେଷ ଦେବ ରାୟ, ଶ୍ରେଷ୍ଠ ନାଟ୍ୟକାର ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀ,



ଶ୍ରେଷ୍ଠ ଅଭିନେତା ପି. ଅ□ରା ମାଣିକଣ୍ଠ ଏବଂ ଶ୍ରେଷ୍ଠ ଅଭିନେତ୍ରୀ ପ୍ରିୟଦର୍ଶିନୀ ମିଶ୍ରଙ୍କୁ ପୁରସ୍କୃତ କରିଥିଲେ ଶେଷରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ଆମ୍ପୋଲୁ ରବି କୁମାର ଧନ୍ୟବାଦ ଅର୍ପଣ କରିଥିଲେ । ବିଚାରକ ଭାବେ ଶ୍ରୀ ମନୋଜ କୁମାର ପାଢ଼ୀ ଏବଂ ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ।

## ବାଲିଆବେଡ଼ା ଗ୍ରାମ ରେ ସାମାଜିକ ସଚେତନତା ସଭା

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକ ତରାମରା ପଞ୍ଚାୟତ ବାଲିଆବେଡ଼ା ଗ୍ରାମରେ ରବିବାର ଦିନ ସାମାଜିକ ସଚେତନତା ସଭା ଅନୁଷ୍ଠିତ ହିଯାଇଛି । ଗ୍ରାମ ର ମାଝୀ ବାବା ଖେଲା ମାର୍ଣ୍ଡୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ନାୟକେ ବାବା ସୁନା ମାର୍ଣ୍ଡୀ ଓ କେନ୍ଦୁଝର ରୁ ହୃଷୀକେଶ ମୁର୍ମୁ କେନ୍ଦୁଝର ଦେଶ ପାର୍ଗଣିକ ନୀମୁ ଟୁଡୁ, ରାମସିଂ ମୁର୍ମୁ ,ସାମ୍ବାଦିକ ବସନ୍ତ କୁମାର ସୋରେନ , ଅଶକ କୁମାର ଟୁଡୁ ସହ ଗ୍ରାମର ସମସ୍ତ ମହିଳା ପୁରୁଷ ଯୋଗ ଦେଇଥିଲେ କ୍ଷ କେନ୍ଦୁଝର ରୁ ଆସିଥିବା ହୃଷୀକେଶ ମୁର୍ମୁ ସାନ୍ତାଳୀ ସମ୍ପ୍ରଦାୟର ସଂସ୍କୃତି ର ପୂଜାର୍ଚ୍ଚନା ବିଧି , ପର୍ବ ଓ ବାହାଘର ବିଧି, ଶୁଦ୍ଧି କ୍ରିୟା ର ବିଧି ସମ୍ପର୍କ ରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଦେଶ ପାର୍ଗଣିକ ନିମୂ ଟୁଡୁ ସମ୍ବିଧାନ ରେ ମାଝୀ ବାବା ଙ୍କ ଅଧିକାର କଣ କଣ ରହିଛି ତାହା ବର୍ଣ୍ଣନା କରିଥିଲେ ।ରାମସିଂ ମୁର୍ମୁ ସାନ୍ତାଳୀ ଶିକ୍ଷା ଓ ସ୍ୱ ଶାସନ ବେବସ୍ଥା ଉପରେ ଆଲୋଚନା କରିଥିଲେ।

## ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ଗୋଟିଏ ରାତିରେ ତିନି ଘରୁ ଚୋରି : ୫ ଘଣ୍ଟା ପରେ ପହଞ୍ଚିଲା ପୋଲିସ



ବାଲିଚନ୍ଦ୍ରପୁର,(ମହାଭାରତ) ଗତ କାଲି ଥିଲା ଶିନିବାର। ରାତି ପ୍ରାୟ ଦୁଇଟା ହେବ। ଜୈନିକ ମହିଳା ଶୌଚାଳୟ ଯିବା ପାଇଁ ବେଡ଼ରୁମ୍ କବାଟ ଖୋଲିଲା ବେଳକୁ ଖୋଲିଲା ନାହିଁ କବାଟ। ଭୟରେ ବୁଧି ଖଟାଇ ପଡ଼ିସା ଲୋକଙ୍କୁ ଫୋନ କଲେ। ପଡ଼ିସା ଲୋକ ୨/୪ ଜଣ ପହଞ୍ଚି ତାଙ୍କୁ ଘରୁ ପଦାକୁ ବାହାର କଲେ। ସେତେବେଳକୁ ୨୦ ମିନିଟ୍ ଅତିକ୍ରାନ୍ତ। ଆଲୋକ ଜାଳି ଦେଖିଲା ବେଳକୁ ଅନ୍ୟ ବଖରା ଗୁଡ଼ିକରେ ଆସବାବପତ୍ର ଖେଳାମେଳା ହୋଇପଡ଼ିଛି। କୋଠରୀର ଝରକା ଖୋଲା ଅଛି ଗ୍ରୀଲ୍ ତଡ଼ାଯାଇ ବାହାର କରିଦିଆଯାଇଛି। ଏହାରି ଭିତରେ ମହିଳା ଜଣଙ୍କ ଥାନା ଅଧିକାରୀଙ୍କୁ ଫୋନ ଯୋଗେ ଚୋରି ହୋଇଥିବା ନେଇ ଅବଗତ କରାଇଥିଲେ। ମାତ୍ର ଥାନା ବାବୁଙ୍କ ଠାରୁ ଉତ୍ତର ମିଳିଲା ରାତି ପାହୁ କ'ଣ ହୋଇଛି ଦେଖିବା। ଥାନା ବାବୁଙ୍କର ଏପରି ବୟାନ ଶୁଣି ହତବାକ୍ ହୋଇ ମହିଳା ଜଣଙ୍କ ରାତି ତମାମ ସକାଳ ହେବାକୁ ଚାହିଁବସିଲେ। ରାତି ପାହି ସକାଳ ହେଲା ଭୋର ୫ଟାରୁ କ୍ରମାଗତ ଭାବେ ଆଇ.ଆଇ.ସି ଙ୍କୁ ମହିଳା ଜଣଙ୍କ ଫୋନ କରିଚାଲିଲେ। କିନ୍ତୁ ଥାନା ବାବୁ ଫୋନ ଉଠାଇଲେ ନାହିଁ। ଉପାୟ ନପାଇ ମହିଳା ଜଣଙ୍କ କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରାଇଲେ। ଗଣମାଧ୍ୟମ ପ୍ରତିନିଧି ଆସି ପହ□ବା ପରେ ମଧ୍ୟ ପ୍ରଶାସନର କାର୍ଯ୍ୟଧାରା ଯଥା ପୂର୍ବଂ ତଥା ପରଂ। ଏପରି ଘଟଣା ଘଟିଯାଇଛି ବାଲିଚନ୍ଦ୍ରପୁର ଥାନା ସଂଲଗ୍ନ ଖୋଦ ବାଲିଚନ୍ଦ୍ରପୁର ବଜାରର ପତରାଜପୁର ଛକ ଠାରେ। ପତରାଜପୁର ଅଞ୍ଚଳ ବାଲିଚନ୍ଦ୍ରପୁର ଥାନା ଠାରୁ ମାତ୍ର ୫ ଶହ ମିଟର ଦୁରରେ ହୋଇଥିବା ବେଳେ ଗୋଟିଏ ରାତିରେ କ୍ରମାଗତ ଭାବେ ତିନି ଜଣଙ୍କ ଘରୁ ସିରିଜ୍ ଚୋରି ହେଲା। ପତରାଜପୁର ଅଞ୍ଚଳରେ ବସବାସ କରୁଥିବା ବାଲିଚନ୍ଦ୍ରପୁର ପଲ୍ଲିଶ୍ରୀ +୨ ମହିଳା ବିଦ୍ୟାଳୟର ଅଧକ୍ଷା ମାମି ବଳବନ୍ତରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାମଲ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମାରାଣୀ ସାମଲ ଏବଂ ମହେଶ୍ୱର ନାମକ ଜୈନିକ ବ୍ୟବସାୟୀଙ୍କ ଘରୁ ଶନିବାର ରାତିରେ ଦୁର୍ବୃତ୍ତ ମାନେ ପଶି ଲୁଟପାଟ କରି ଚାଲିଗଲେ। ସକାଳୁ ଗଣମାଧ୍ୟମ ପ୍ରତିନିଧି ମାନେ ପହଞ୍ଚି ଥାନା ବାବୁଙ୍କ ସହ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ଏସ.ଡ଼ି.ପି.ଓ ଙ୍କୁ ଲକ୍ଷ୍ମୀଧର ସ୍ୱାଇଁଙ୍କୁ ଅବଗତ କଲା ପରେ ତାଙ୍କ ହସ୍ତକ୍ଷେପ ପରେ ବାଲିଚନ୍ଦ୍ରପୁର ପୋଲିସର ନିଦ ଭାଙ୍ଗିଲା। ୫ ଘଣ୍ଟା ପରେ ଜଣେ ଏ.ଏସ.ଆଇ ଓ ତିନି ଜଣ କର୍ମଚାରୀଙ୍କୁ ତଦନ୍ତ କରିବାକୁ ପଠାଗଲା। ବିଳମ୍ବରେ ହେଲେ ମଧ ଥାନାଧିକାରୀ ପହଞ୍ଚି ଘଟଣାସ୍ଥଳର ପରିସ୍ଥିତି ଅନୁଧ୍ୟାନ କରି କୌଣସି ଜିନିସ ପତ୍ରରେ ହାତ ନମାରିବାକୁ ପରାମର୍ଶ ଦେଇ ଆସନ୍ତା କାଲି ଅର୍ଥାତ୍ ଚୋରିର ଦୁଇ ଦିନ ପରେ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନି କୁକୁର ଆସିବ ବୋଲି କହିକି ଗଲେ। ଏ ନେଇ ପଲ୍ଲିଶ୍ରୀ ମହିଳା +୨ ବିଦ୍ୟାଳୟର ଅଧକ୍ଷା ମାମି ବଳବନ୍ତରାୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ତାଙ୍କ ଘରୁ ୨୦ ଗ୍ରାମର ସୁନା ଗହଣା, ନଗଦ ୧୦ ହଜାର ଟଙ୍କା ଓ କଲେଜର କିଛି ଆବଶ୍ୟକୀୟ କାଗଜପତ୍ର ଲୁଟ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଥାନା ପକ୍ଷରୁ ୩୨୧/୨୫ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସମରଜିତ୍ ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି ବାଲିଚନ୍ଦ୍ରପୁର ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ନିକଟରେ ସାହାସପୁର କଲେଜରୁ ଚୋରି ହେବା, ମହିଳାଙ୍କ ଠାରୁ ପଟ୍ଟାମୁଣ୍ଡାଇ କେନାଲ ବନ୍ଧରୁ ବିଭିନ୍ନ ସ୍ଥାନରୁ ଲୁଟ ହେବା। ନିଶା ବେପାରିଙ୍କ ଦୌରାତ୍ମ୍ୟ ଭଳି ଘଟଣା ମାନ ଘଟିଚାଲିଛି। ଥାନାରେ ବିଭିନ୍ନ ସମୟରେ ମାମଲା ରୁଜୁ ହୋଇଥିଲେ ମଧ ପୋଲିସ କୌଣସି ଗୋଟିଏ ହେଲେ କେଶରେ ସଫଳତା ପାଇନଥିବା ଜଣାଯାଏ। ଏପରିକି ଥାନାଧିକାରୀଙ୍କ ମନମାନି ନେଇ ବଡ଼ଚଣା କଂଗ୍ରେସ ଦଳ ଓ ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ଦୁଇ ଥର ଥାନା ଘେରାଉ କାର୍ଯ୍ୟକ୍ରମ ହୋଇସାରିଛି।

## ଦିଲ୍ଲୀ ପ୍ରଦୂଷଣ ଉଦ୍‌ବେଗଜନକ: ଗ୍ରାପ୍-୨ କଟକଣା ଲାଗୁ



ନୂଆଦିଲ୍ଲୀ: ଦୀପାବଳିର ଦିନକ ପୂର୍ବରୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଗୁରୁତର ସଙ୍କଟ ସୃଷ୍ଟି କରିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁଯାୟୀ, ରାଜଧାନୀର କେତେକ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଅତିକ୍ରମ କରି 'ଅତି ଖରାପ' ଶ୍ରେଣୀରେ ପହଞ୍ଚିଛି। ଏହି ସ୍ଥିତି ନାଗରିକଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହେବା ସହ ଦୀପାବଳି ଉତ୍ସବ ସମୟରେ ଆହୁରି ଖରାପ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ-ଏନ୍‌ସିଆର ଅଞ୍ଚଳରେ ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ (ଗ୍ରାପ୍) ସ୍ତର-୨ କଟକଣା ଲାଗୁ କରାଯାଇଛି। ଲଗାତାର ଷଷ୍ଠ ଦିନ ପାଇଁ ଦିଲ୍ଲୀରେ ବାୟୁର ଗୁଣବତ୍ତା ହ୍ରାସ ପାଇବାରେ ଲାଗିଛି। ୩୮ଟି ମନିଟରିଂ ଷ୍ଟେସନ ମଧ୍ୟରୁ ୯ଟିରେ ଏକ୍ୟୁଆଇ 'ଅତି ଖରାପ' ସ୍ତରରେ ରେକର୍ଡ ହୋଇଛି। ଆନନ୍ଦ ବିହାରରେ ଏକ୍ୟୁଆଇ ୩୮୯ ରେକର୍ଡ କରାଯାଇଥିବା ବେଳେ ଓ୍ୱଜିରପୁରରେ ୩୫୧, ଜହାଙ୍ଗୀରପୁରୀରେ ୩୧୦ ଏବଂ ଦ୍ୱାରକାରେ ୩୧୦ ରେକର୍ଡ କରାଯାଇଛି।। ଅକ୍ଷରଧାମରେ ଏକ୍ୟୁଆଇ ୪୨୬ ଓ ଆନନ୍ଦ ବିହାରରେ ୪୧୮ ପହଞ୍ଚି ସାଂଘାତିକ ସ୍ଥିତିରେ ପହଞ୍ଚିଛି। ଏନ୍‌ସିଆର ଅଞ୍ଚଳ ଯେପରିକି ଗାଜିଆବାଦ (୩୨୪-ଅତି ଖରାପ), ନୋଏଡା (୨୯୮-ଖରାପ), ଏବଂ ଗୁରୁଗ୍ରାମ (୨୫୮୦ଖରାପ) ମଧ୍ୟ ପ୍ରଦୂଷଣର କବଳରେ ରହିଛି। ଯାନବାହନଜନିତ ପ୍ରଦୂଷଣ ସାଙ୍ଗକୁ ପଡ଼ୋଶୀ ରାଜ୍ୟମାନଙ୍କରେ ନଡ଼ାପାଳ ଜାଳିବା ଓ ସ୍ଥିର ପାଗ ମଧ୍ୟ ପ୍ରଦୂଷଣକୁ ବଢ଼ାଉଛି । ଗତକାଲି ଦିଲ୍ଲୀରେ ସର୍ବୋଚ୍ଚ ତାପମାତ୍ରା ୩୩.୫ ଡିଗ୍ରି ସେଲସିୟସ (ସାଧାରଣଠାରୁ ୦.୯ ଡିଗ୍ରି ଅଧିକ) ଓ ସର୍ବନିମ୍ନ ୧୯.୬ ଡିଗ୍ରି ସେଲସିୟସ ରହିଥିଲା, ଯାହା ପ୍ରଦୂଷଣକାରୀ ପଦାର୍ଥକୁ ବାୟୁମଣ୍ଡଳରେ ଅଟକାଇ ରଖିଛି। ଦୀପାବଳି ସମୟରେ ଆତସବାଜି ଯୋଗୁ ପ୍ରଦୂଷଣ ସଙ୍କଟ ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି। ସହରରେ ଏବେ ଶ୍ୱାସକ୍ରିୟାଜନିତ ରୋଗ ବୃଦ୍ଧି ପାଉଥିବାରୁ ନାଗରିକମାନଙ୍କୁ ମାସ୍କ ବ୍ୟବହାର, ଆତସବାଜି ହ୍ରାସ ଓ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି। ନିର୍ମାଣ କାର୍ଯ୍ୟରେ ନିୟନ୍ତ୍ରଣ ସହ ଧୂଳି ଉତ୍ପନ୍ନ କରୁଥିବା ନିର୍ମାଣ ଓ ଭାଙ୍ଗିବା କାର୍ଯ୍ୟ ଉପରେ କଡା ନିୟନ୍ତ୍ରଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ପୁରୁଣା ଓ ଅଧିକ ପ୍ରଦୂଷଣକାରୀ ଯାନବାହନ ଚଳାଚଳ ଉପରେ କଟକଣା ଲାଗୁ ହୋଇଛି। କୋଇଲା ଓ କାଠ ଜାଳିବା ଉପରେ କଡା ନିଷେଧାଜ୍ଞା ଜାରି ହୋଇଛି।

## ପାକ୍-ଆଫଗାନ ଅସ୍ଥାୟୀ ଶାନ୍ତି ଚୁକ୍ତି





ଦୋହା: ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ସୀମା ସଂଘର୍ଷ ମଧ୍ୟରେ କତର ରାଜଧାନୀ ଦୋହାରେ ଗତରାତିରେ ଏକ ଅସ୍ଥାୟୀ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଚୁକ୍ତିକୁ ଉଭୟ ପକ୍ଷ ସ୍ୱାଗତ କରିଥିବା ବେଳେ ସୀମା ସଂଘର୍ଷ ପାଇଁ ପରସ୍ପରକୁ ଦାୟୀ କରି ଉତ୍ତେଜକ ବୟାନ ଦେଇଥିବାରୁ ଯେ କେ ?ଣସି ସମୟରେ ଏହା ଭଙ୍ଗୁର ହେବା ଆଶଙ୍କା ପ୍ରକାଶ ପାଇଛି। ପାକିସ୍ତାନ ବିଦେଶ ମନ୍ତ୍ରୀ ଇଶାକ ଦା ? କହିଛନ୍ତି, ପାକିସ୍ତାନ ଅଂଚଳରେ ତାଲିବାନର ବର୍ବରତା ପାଇଁ ଏଭଳି ସଂଘର୍ଷ ଉପୁଜିଛି। ତେବେ ଏହି ଚୁକ୍ତିକୁ ସେ ସଠିକ ପଦକ୍ଷେପ ବୋଲି ଅଭିହିତ କରି ମଧ୍ୟସ୍ଥତା ପାଇଁ କତର, ସାଉଦି ଆରବ ଓ ତୁର୍କୀକୁ ଧନ୍ୟବାଦ ଜଣାଇଛନ୍ତି। ସେ ତୁର୍କୀରେ ଆଉ ଏକ ବୈଠକ ଆୟୋଜନ କରି ଆଫଗାନିସ୍ତାନରୁ ଅନୁପ୍ରବେଶ କରୁଥିବା ଆତଙ୍କବାଦୀ ଆକ୍ରମଣ ରୋକିବା ପାଇଁ ଏକ 'ନିରୀକ୍ଷଣ ବ୍ୟବସ୍ଥା" ଗଠନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଦାର୍ କହିଛନ୍ତି ଯେ ଏହି ପଦକ୍ଷେପ ପାକିସ୍ତାନରେ ନାଗରିକଙ୍କ ଜୀବନ ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ହେବ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ୍ୟ ଆଜି ମାଲେସିଆର ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମଙ୍କ ସହ ଆଲୋଚନା କରି ସୀମା ସଂଘର୍ଷ ଓ ଆତଙ୍କବାଦ ପାଇଁ ଆଫଗାନିସ୍ତାନକୁ ଦାୟୀ କରିଛନ୍ତି। ସେ କହିଛନ୍ତି, ଆଫଗାନିସ୍ତାନରୁ ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି), ବଲୁଚିସ୍ତାନ ଲିବରେସନ ଆର୍ମୀ, ଫିତ୍‌ନା-ଅଲ୍-ଖ୍ୱାରିଜ ଓ ଫିତ୍‌ନା-ଅଲ-ହିନ୍ଦୁସ୍ତାନ ଭଳି ସଂଗଠନମାନେ ଆମ ଲୋକଙ୍କ ଉପରେ ଆକ୍ରମଣ କରୁଛନ୍ତି। ଆଫଗାନିସ୍ତାନର ଅନୁରୋଧରେ ପାକିସ୍ତାନ ଅସ୍ଥାୟୀ ଯୁଦ୍ଧବିରତିରେ ସହମତି ଦେଇଥିଲେ ମଧ୍ୟ, ସରିଫ ଏହି ସଂଗଠନଗୁଡ଼ିକ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ଅନ୍ୟପକ୍ଷରେ, ଆଫଗାନିସ୍ତାନ ପ୍ରଧାନମନ୍ତ୍ରୀ ମୁଲ୍ଲା ମୋହମ୍ମଦ ହାସନ ଆଖୁନ୍ଦ ପାକିସ୍ତାନକୁ ଏକ ଅତିକ୍ରମଣକାରୀ ରାଷ୍ଟ୍ର ଭାବେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଆଫଗାନିସ୍ତାନର ସୀମା ଉଲ୍ଲଂଘନ କରି ପାକିସ୍ତାନ ସଂଘର୍ଷ ଆରମ୍ଭ କରିଛି ଏବଂ ଏହାର ପରିଣାମ ଭୋଗିବା ନିଶ୍ଚିତ। ଆଫଗାନିସ୍ତାନ ସରକାରର ଗୃହମନ୍ତ୍ରୀ ମହମ୍ମଦ ନବୀ ଓମ୍‌ରୀ ପାକିସ୍ତାନ ସେନାକୁ ଆଜି କଠୋର ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, 'ଯଦି ଆଫଗାନିସ୍ତାନ ପାକ୍ ସେନାକୁ ଧର୍ମୀୟ ଫତୱା ଦ୍ୱାରା ଆକ୍ରମଣକାରୀ ଘୋଷଣା କରିବ, ତାହେଲେ ବିଶ୍ୱର କୌଣସି ଶକ୍ତି ସେମାନଙ୍କୁ ରକ୍ଷା କରିପାରିବ ନାହି। ପାକ୍ ସେନାକୁ ଆମେ ଭାରତୀୟ ସୀମା ପର୍ଯ୍ୟନ୍ତ ଗୋଡ଼ାଇବୁ ଏବଂ ସେମାନେ କେଉଁଠି ବି ନିସ୍ତାର ପାଇବେ ନାହିଁ।' ପାକ୍ ସେନାକୁ ଟାର୍ଗେଟ କରି ଓମ୍‌ରୀଙ୍କ ଏହି ବୟାନ ପୁଣି ଉତ୍ତେଜନା ବଢ଼ାଇ ଦେଇଛି। ଆଫଗାନିସ୍ତାନ-ପାକିସ୍ତାନ ସୀମାନ୍ତରେ ତୀବ୍ର ଉତ୍ତେଜନା ଲାଗି ରହିଛି ଏବଂ ଏବେ ଅସ୍ଥାୟୀ ଅସ୍ତ୍ରବିରତି ଲାଗୁ ସତ୍ତ୍ୱେ ଆକ୍ରମଣ ଆଶଙ୍କାରେ ଉଭୟ ପକ୍ଷ ହାଇଆଲର୍ଟରେ ଅଛନ୍ତି। କତର ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଅସ୍ଥାୟୀ ଶାନ୍ତି ଚୁକ୍ତିକୁ ସମ୍ମାନ ଦେଲେ ହିଁ ଏହା ଦୀର୍ଘସ୍ଥାୟୀ ଶାନ୍ତି ଦିଗରେ ବାଟ ଖୋଲିବ। ସୂଚନାଯୋଗ୍ୟ, ଏହି ସୀମା ବିବାଦ ୧୮୯୩ରେ ବ୍ରିଟିଶ୍ ? ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ସ୍ଥାପିତ ଡୁରାଣ୍ଡ ରେଖା ସହ ଜଡ଼ିତ, ଯାହାକୁ ନେଇ ଆଫଗାନିସ୍ତାନ ଦୀର୍ଘଦିନରୁ ଆପତ୍ତି ଉଠାଇ ଆସିଛି ଏବଂ ପାକିସ୍ତାନ ଏହାକୁ ପ୍ରତ୍ୟାଖ୍ୟାନ କରିଚାଲିଛି।

### ଢାକା ବିମାନବନ୍ଦରରେ ଅଗ୍ନିକାଣ୍ଡ

ବାଂଲାଦେଶ : ବାଂଲାଦେଶର ଢାକା ବିମାନବନ୍ଦରରେ ଅଗ୍ନିକାଣ୍ଡ ଘଟିଛି। କାର୍ଗୋ ଟର୍ମିନାଲରେ ଲାଗିଲା ନିଆଁ । ସାମୟିକ ଭାବେ ବିମାନ ଚଳାଚଳ ବାତିଲ ଘୋଷଣା କରାଯାଇଛି। ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବାହିନୀର ଉଦ୍ୟମ ଜାରି ରହିଛି । ସୂଚନାନୁଯାୟୀ, ଅପରାହ୍ନ ୨.୧୫ ମିନିଟ୍ ସମୟରେ ବିମାନବନ୍ଦରର କାର୍ଗୋ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଥିଲା ବୋଲି ଅଧିକାରୀମାନେ କହିଛନ୍ତି । ଅଗ୍ନିକାଣ୍ଡର କାରଣ ଏବଂ କ୍ଷୟକ୍ଷତିର ସୂଚନା ଏପର୍ଯ୍ୟନ୍ତ ଜଣାପଡିନାହିଁ। ସମସ୍ତ ବିମାନ ଅବତରଣ ଏବଂ ଉଡ଼ାଣ ବନ୍ଦ କରାଯାଇଛି। ବର୍ତ୍ତମାନ ସମସ୍ତ ବିମାନ ସୁରକ୍ଷିତ ଅଛନ୍ତି। ଢାକାରେ ବିମାନ ଅବତରଣ ହେବାକୁ ଥିବା ବିଭିନ୍ନ ଏୟାରଲାଇନ୍ସର ପ୍ରାୟ ୯ଟି ବିମାନକୁ ଚିଟାଗଙ୍ଗର ଶାହ ଅମାନତ ବିମାନବନ୍ଦର ଏବଂ ଉତ୍ତର-ପୂର୍ବ ସିଲହଟର ଓସମାନି ଆନ୍ତର୍ଜାତୀୟ ବିମାନବନ୍ଦରକୁ ସ୍ଥାନାନ୍ତର କରାଯାଇଛି ।

## ଛଟ୍ ପୂଜା ପାଇଁ ଘରକୁ ଯାଉଥିବା ବେଳେ ଟ୍ରେନରୁ ଖସିପଡିଲେ ୩ ଯୁବକ, ୨ ମୃତ



ମହାରାଷ୍ଟ୍ର : ମହାରାଷ୍ଟ୍ରର ନାସିକ ରୋଡ୍ ରେଳ ଷ୍ଟେସନ ନିକଟରେ ବଡ଼ ଦୁର୍ଘଟଣା ଘଟିଛି । ଛଟ ପୂଜା ପାଇଁ ଘରକୁ ଫେରୁଥିବା ତିନି ଜଣ ଯାତ୍ରୀ ଟ୍ରେନ୍ରୁ ଛିଟିକି ପଡିବାର ଦୁଇଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ଜଣେ ଗୁରୁତର ଆହତ ହୋଇଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଏକ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚିଛି । ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, କର୍ମଭୂମି ଏକ୍ସପ୍ରେସ ଟ୍ରେନଟି ଲୋକମାନ୍ୟ ତିଳକ ଟର୍ମିନାଲରୁ ନାସିକ୍ ରୋଡ୍ ରେଳ ଷ୍ଟେସନରେ ନ ଅଟକି ସିଧାସଳଖ ବିହାର ଅଭିମୁଖେ ଯାତ୍ରା କରିଥିଲା । ଏହା ପରେ ଓଡା ରେଳ ଷ୍ଟେସନର ଷ୍ଟେସନ ମ୍ୟାନେଜର ନାସିକ୍ ରୋଡ୍ ରେଳ ବିଭାଗ ସହିତ ଯୋଗାଯୋଗ କରି ରିପୋର୍ଟ କରିଥିଲେ ଯେ, ଟ୍ରେନ୍ ଛାଡିବାର କିଛି ସମୟ ପରେ ଜେଲ୍ ରୋଡ୍ ହନୁମାନ ମନ୍ଦିର ନିକଟସ୍ଥ ଡିକାଲେ ନଗର ଅଞ୍ଚଳର ତିନି ଜଣ ଯୁବକ ଟ୍ରେନ୍ ତଳେ ପଡ଼ି ଯାଇଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ପୋଲିସ ସବ-ଇନ୍ସପେକ୍ଟର ମାଲି, ପୋଲିସ କନେଷ୍ଟବଳ ଭୋଲେ ଏବଂ ନାସିକ ରୋଡ ପୋଲିସ ଷ୍ଟେସନର ବରିଷ୍ଠ ପୋଲିସ ଇନ୍ସପେକ୍ଟର ଜିତେନ୍ଦ୍ର ସପକାଲେଙ୍କ ନେତୃତ୍ୱରେ ଏକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ଭୁସାଉଳ ଅଭିମୁଖେ ଯାଉଥିବା ଟ୍ରାକରେ ୩୦ ରୁ ୩୫ ବର୍ଷ ବୟସର ଦୁଇଜଣ ଯୁବକଙ୍କୁ ୧୯୦/୧ ଏବଂ ୧୯୦/୩ କିଲୋମିଟର ମଧ୍ୟରେ ମୃତ ଅବସ୍ଥାରେ ପାଇଥିଲେ । ଗୁରୁତର ଅବସ୍ଥାରେ ଯୁବକଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ବିହାରରେ ଛଟ୍ ପୂଜା ପାଇଁ ଷ୍ଟେସନରେ ଭିଡ଼ ରହିଥିଲା । ଆଉ ଟ୍ରେନ ନ ରହିବାରୁ ଯାତ୍ରୀ ବୋଧ ହୁଏ ଟ୍ରେନରେ ଚଢିବାକୁ ଚେଷ୍ଟା କରୁଥିବା ଅନୁମାନ କରାଯାଉଛି । ଫଳରେ ଏଭଳି ଦୁର୍ଘଟଣା ଘଟିଛି । ଘଟଣାକୁ ନେଇ ଜିଆରପି ଏବଂ ନାସିକ ରୋଡ୍ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଏବଂ ଦୁର୍ଘଟଣା ପଛର କାରଣ ଖୋଜା ଚାଲିଛି ।

## ଦୀପୋତ୍ସବ ୨୦୨୫ରେ ବିଶ୍ୱ ରେକର୍ଡ ଅଯୋଧ୍ୟାରେ ଜଳିଲା ୨୬ ଲକ୍ଷ ଦୀପ



ଅଯୋଧ୍ୟା: ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟାରେ ନବମ ଦୀପୋତ୍ସବ ଏକ ଐତିହାସିକ ମୁହୂର୍ତ୍ତରେ ପରିଣତ ହୋଇଛି। ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ସରଜୁ ନଦୀ ତଟରେ ୨୬,୧୧,୧୦୧ ମାଟି ଦୀପ ପ୍ରଜ୍ୱଳନ ଗିନିଜ୍ ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ଏହାସହିତ ୨୧୨୮ ବେଦାଚାର୍ଯ୍ୟଙ୍କ ଦ୍ୱାରା ଏକକାଳୀନ ଆରତି ମାଧ୍ୟମରେ ଦ୍ୱିତୀୟ ବିଶ୍ୱ ରେକର୍ଡ ହାସଲ କରିଛି ଅଯୋଧ୍ୟା। 'ରାମ କି ପେଡ଼ି' ଓ ୫୬ଟି ଘାଟରେ ମିଳିତ ଭାବେ ୨୬ ଲକ୍ଷରୁ ଅଧିକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଡ୍ରୋନ୍ ଓ କ୍ୟୁଆର କୋଡ୍ ଜରିଆରେ ଦୀପ ଗଣନା କରି ଗିନିଜ୍ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି। ପ୍ରାୟ ୩୩,୦୦୦ ସ୍ୱେଚ୍ଛାସେବୀ ଏହି ମହାନ କାର୍ଯ୍ୟରେ ସାମିଲ ହୋଇଥିଲେ। ସନ୍ଧ୍ୟା ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଉତ୍ସବରେ ଲେଜର ସୋ, ଡ୍ରୋନ୍ ପ୍ରଦର୍ଶନୀ, ଆଲୋକ ଓ ଶବ୍ଦ ସମାରୋହ ଏବଂ ଆତସବାଜି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଦୀପ ପ୍ରଜ୍ୱଳନ ଓ ଆରତିରେ ଅଂଶଗ୍ରହଣ କରି କହିଥିଲେ, 'ପ୍ରତ୍ୟେକ ଦୀପ ଆମକୁ ମନେ ପକାଇଦିଏ ଯେ ସତ୍ୟକୁ କଷ୍ଟ ଦିଆଯାଇପାରେ, କିନ୍ତୁ ଏହାକୁ ପରାସ୍ତ କରାଯାଇ ପାରିବ ନାହିଁ।' ଦୀପୋତ୍ସବ ୨୦୨୫ କେବଳ ଏକ ରେକର୍ଡ ନୁହେଁ, ଏହା ଶ୍ରଦ୍ଧା, ସଂସ୍କୃତି ଓ ଐକ୍ୟର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଦୁଇ ଦିନରେ ୩୮ ପାଲେଷ୍ଟାଇନ ନାଗରିକ ମୃତ



ଗାଜା: ଆମେରିକା ମଧ୍ୟସ୍ଥତାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଅକ୍ଟୋବର ୧୦ରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିକୁ ଉଭୟପକ୍ଷ ଉଲ୍ଲଂଘନ କରି ପରସ୍ପରକୁ ଆକ୍ରମଣ କରିଛନ୍ତି। ଇସ୍ରାଏଲ ଏହି ଯୁଦ୍ଧବିରତିକୁ ୪୦ରୁ ଅଧିକ ଥର ଉଲ୍ଲଂଘନ କରିଛି, ଯେଉଁଥିରେ ୩ଦିନ ମଧ୍ୟରେ ଅତିକମ୍‌ରେ ୩୮ଜଣ ପାଲେଷ୍ଟାଇନ ନାଗରିକଙ୍କର ମୃତ୍ୟୁ ହୋଇଛି ଏବଂ ୧୪୩ ଜଣ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ, ଆମେରିକା ଦାବି କରିଛି ଯେ ହମାସ ଗାଜାରେ ନାଗରିକଙ୍କ ଉପରେ ଆକ୍ରମଣ ଯୋଜନା କରୁଛି ଏବଂ ବଡ଼ଧରଣର ଗଣହତ୍ୟା ପାଇଁ ଏହାର ସଦସ୍ୟମାନେ ପ୍ରସ୍ତୁତ ଅଛନ୍ତି। ତେବେ ହମାସ ଏଭଳି ଦାବିକୁ ଖଣ୍ଡନ କରିଛି। ଗାଜା ସିଭିଲ୍ ଡିଫେନ୍ସ ମୁଖପାତ୍ର ମେହମୁଦ ବସାଲଙ୍କ କହିବା ଅନୁଯାୟୀ, ଇସ୍ରାଏଲ ବାୟୁସେନା ଆଜି ବିଭିନ୍ନ ପର୍ଯ୍ୟାୟରେ ବୋମା ବର୍ଷା କରିଛି ଏବଂ ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହା ସହିତ ଇସ୍ରାଏଲ ସେନାର ଗୁଳିବର୍ଷାରେ ଗୋଟିଏ ପରିବାରର ୧୧ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ମୃତଦେହଗୁଡ଼ିକୁ ଆଲ୍ -ଆହଲି ହସ୍ପିଟାଲରେ ରଖାଯାଇଛି। ଆଜି ରାଫା ଓ ଦକ୍ଷିଣ ଗାଜାରେ ହମାସ-ଇସ୍ରାଏଲ ସେନା ମଧ୍ୟରେ ଗୁଳି ବିନିମୟ ହୋଇଛି। ହମାସ ଆତଙ୍କୀମାନେ ଦୁଇଟି ଇସ୍ରାଏଲୀ ଟ୍ୟାଙ୍କ୍‌କୁ ଟାର୍ଗେଟ୍ କରିବା ପରେ ଏହି ଗୁଳି ବିନିମୟ ହୋଇଥିବା ରିପୋର୍ଟ ମିଳିଛି। ସୂଚନାଯୋଗ୍ୟ, ଚୁକ୍ତିର ପ୍ରଥମ ପର୍ଯ୍ୟାୟରେ ହମାସ ସମସ୍ତ ଜୀବିତ ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରିଛି ଏବଂ ୨୮ ଜଣ ମୃତ ବନ୍ଧକଙ୍କ ମଧ୍ୟରୁ ୧୨ ଜଣଙ୍କ ଶବ ଫେରାଇଛି। ଅନ୍ୟମାନଙ୍କ ଶବ ଉଦ୍ଧାର ଓ ହସ୍ତାନ୍ତର ପାଇଁ ସ୍ୱତନ୍ତ୍ର ଉପକରଣ ଆବଶ୍ୟକ ବୋଲି ହମାସ କହିଛି। ଅନ୍ୟପକ୍ଷରେ ଇସ୍ରାଏଲ ୨୫୦ ଜଣ ପାଲେଷ୍ଟାଇନ ବନ୍ଦୀ ଓ ୧,୭୧୮ ଜଣ ଗାଜା ବାସିନ୍ଦାଙ୍କୁ ମୁକ୍ତ କରିଛି। ଇସ୍ରାଏଲ କହିଛି ଯେ ରାଫା ସୀମା ଖୋଲିବା ନିଷ୍ପତ୍ତି ହମାସର ବନ୍ଧକଙ୍କ ଶବ ଫେରାଇବା ପ୍ରକ୍ରିୟା ଉପରେ ନିର୍ଭର କରୁଛି। ଅନ୍ୟପକ୍ଷରେ ରିଲିଫ୍ ପହଞ୍ଚିବାରେ ସମସ୍ୟା ହେଉଥିବାରୁ ଗାଜାରେ କ୍ଷୁଧା ସ୍ଥିତି ଉତ୍କଟ ରହିଛି। ଯୁଦ୍ଧବିରତି ଉଲ୍ଲଂଘନ ନେଇ ଆମେରିକା, ଇଜିପ୍ଟ, କତର ଓ ତୁର୍କୀ ଭଳି ମଧ୍ୟସ୍ଥ ରାଷ୍ଟ୍ରମାନଙ୍କୁ ସୂଚନା ପ୍ରଦାନ କରିଛି। ଦୁଇ ବର୍ଷର ଗାଜା ଯୁଦ୍ଧରେ ୬୮,୦୦୦ରୁ ଅଧିକ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ହୋଇଛି, ଏବଂ ୧୦,୦୦୦ରୁ ଅଧିକ ଶବ ଏବେ ବି ଧ୍ୱଂସସ୍ତୂପ ତଳେ ରହିଛି। ପ୍ରତିଦିନ ୬୦୦ ଟ୍ରକ୍ ରିଲିଫ୍ ଆବଶ୍ୟକ ଥିବାବେଳେ ଅତିକମ୍ ? ସାହାଯ୍ୟ ମିଳୁଛି। ଗାଜାରେ ୫ ଲକ୍ଷରୁ ଅଧିକ ଲୋକ ଦୁର୍ଭିକ୍ଷର ସମ୍ମୁଖୀନ ହେଉଛନ୍ତି।

## ଟ୍ରମ୍ପଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଲେ ଲକ୍ଷ ଲକ୍ଷ ଲୋକ

ଆମେରିକା : ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ଆମେରିକାର ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ଯାହା ଆମେରିକାର ଇତିହାସର ସବୁଠାରୁ ବଡ଼ ପ୍ରତିବାଦ । ବିଶେଷକରି ଟ୍ରମ୍ପଙ୍କ ଟ୍ରାନ୍ସଜେଣ୍ଡର ବିରୋଧୀ ବୟାନ ଏବଂ ଅନ୍ୟାନ୍ୟ ବିବାଦୀୟ ନିଷ୍ପତ୍ତି ବିରୋଧରେ ୭୦ ଲକ୍ଷରୁ ଅଧିକ ଲୋକ ପ୍ରତିବାଦ କରିଛନ୍ତି । ସୂଚନାନୁଯାୟୀ, ଟ୍ରମ୍ପଙ୍କ ବିରୋଧରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଏହି ପ୍ରତିବାଦରେ ବିଭିନ୍ନ ସାମାଜିକ, ରାଜନୈତିକ ସାମିଲ ହୋଇଥିବା ଜଣାପଡିଛି । ପ୍ରତିବାଦକାରୀମାନେ ଟ୍ରମ୍ପଙ୍କ ଶାସନକୁ ସମାଲୋଚନା କରିବା ସହିତ 'ଆମକୁ ପରିବର୍ତ୍ତନ ଦରକାର' ବୋଲି ସ୍ଲୋଗାନ ଦେଇଥିଲେ । ଏହି ପ୍ରତିବାଦ ବର୍ତ୍ତମାନ ସାରା ଦେଶରେ ବ୍ୟାପକ ବିରୋଧ ସୃଷ୍ଟି କରିଛି । ଏହି ପ୍ରତିବାଦରେ ଗର୍ଭପାତ ଅଧିକାର ଉପରେ କଟକଣା, ଜଳବାୟୁ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖାଯାଇଥିବା ନୀତି ଏବଂ ସାମାଜିକ ଅସମାନତା ବୃଦ୍ଧି ମଧ୍ୟ ସାମିଲ ରହିଛି ।ଟ୍ରମ୍ପଙ୍କ ଶାସନରେ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକ ଆକ୍ରମଣର ଶିକାର ହେଉଥିବା ପ୍ରତିବାଦକାରୀମାନେ କହିଥିଲେ ଯେ, ପ୍ରଶାସନ ଏହି ପ୍ରତିବାଦଗୁଡ଼ିକୁ "ରାଜନୈତିକ ଷଡ଼ଯନ୍ତ୍ର" ଏବଂ "ସାମାଜିକ ଅଶାନ୍ତି ବିସ୍ତାର କରିବାର ପ୍ରୟାସ" ଭାବରେ ପ୍ରସ୍ତୁତ କରାଯାଇଥିଲା । ଯାହାର ନା "ନୋ କିଙ୍ଗସ୍ ପ୍ରୋଟେଷ୍ଟ" ବୋଲି ନାମ ଦିଆଯାଇଛି । "ଟ୍ରମ୍ପଙ୍କ ଏକଛତ୍ରବାଦ ଆଉ ସହ୍ୟ କରାଯିବ ନାହିଁ" ବୋଲି ମଧ୍ୟ ସ୍ଲୋଗାନ ଉଠିଛି । ଅନ୍ୟପଟେ ଆମେରିକାରେ ଟ୍ରମ୍ପଙ୍କ ବିରୋଧରେ ଅସନ୍ତୋଷ ବୃଦ୍ଧି ପାଉଥିବା ଏହି ଆନ୍ଦୋଳନ ସ୍ପଷ୍ଟ କରିଛି । ଯାହା ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ । ଏହି ପ୍ରତିବାଦ ଭବିଷ୍ୟତରେ ଦେଶରେ ବଡ଼ ରାଜନୈତିକ ପରିବର୍ତ୍ତନ ଆଣିପାରେ ବୋଲି ଅନୁମାନ କରାଯାଉଛି ।

## ବିହାର ନେତୃତ୍ୱ ନେଇ ଏନ୍‌ଡିଏରେ ଫାଟ



ପାଟନା: ବିହାରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ନେତୃତ୍ୱ ପ୍ରସଙ୍ଗରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଏକ ମନ୍ତବ୍ୟକୁ ନେଇ ରାଜନୈତିକ ଚର୍ଚ୍ଚା ତୀବ୍ର ହୋଇଛି । ନେତୃତ୍ୱକୁ ନେଇ ରାଜ୍ୟ ଏନ୍‌ଡିଏରେ ବଡ଼ ଧରଣର ମତଭେଦ ସାମନାକୁ ଆସିଛି। ଶାହ ଏକ ବୟାନରେ ନୀତୀଶ କୁମାରଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଚିହ୍ନ ଲଗାଇଥିବା ବେଳେ ଜେଡିୟୁ ଏହାର କଡ଼ା ପ୍ରତିକ୍ରିୟା ଦେଇ ନୀତୀଶଙ୍କୁ ଏନ୍‌ଡିଏର ଏକମାତ୍ର ନେତା ଭାବେ ବର୍ଣ୍ଣନା କରିଛି। ଏହି ଘଟଣା ବିହାରରେ ଆଗାମୀ ନିର୍ବାଚନ ପୂର୍ବରୁ ମେଣ୍ଟରେ ଅନ୍ତଃକଳହ ଓ ରାଜନୈତିକ ସମୀକରଣକୁ ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି। ନିକଟରେ ଏକ ଜନସଭାରେ ଶାହ କହିଥିଲେ ଯେ, 'ନୀତୀଶ କୁମାରଙ୍କ ଚେହେରା ବିହାର ଏନ୍‌ଡିଏରେ ଶେଷ ହେବାକୁ ଯାଉଛି' ଏବଂ 'ବିହାରରେ ଏନଡିଏର ଚେହେରା ନୀତୀଶ କୁମାର ନୁହନ୍ତି।' ଏହି ବୟାନ ବିହାର ରାଜନୀତିରେ ଏକ ଝଟ୍‌କା ସୃଷ୍ଟି କରିଛି, କାରଣ ଏହା ନୀତୀଶଙ୍କୁ ପଛରେ ରଖି ମେଣ୍ଟରେ ବିଜେପି ନିଜର ପ୍ରାଧାନ୍ୟ ବଢ଼ାଇବାର ସଙ୍କେତ ବୋଲି ବିଶ୍ଳେଷଣ କରାଯାଇଛି। ଏହା ବିହାରରେ ଆଗାମୀ ନିର୍ବାଚନ ପୂର୍ବରୁ ଏନ୍‌ଡିଏର ନେତୃତ୍ୱ ରଣନୀତିରେ ପରିବର୍ତ୍ତନର ସମ୍ଭାବନାକୁ ସୂଚାଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅନେକ ଦଶନ୍ଧି ଧରି ରାଜ୍ୟ ରାଜନୀତିରେ ଏକ ପ୍ରମୁଖ ଶକ୍ତି ଭାବେ ରହିଆସିଛନ୍ତି। କିନ୍ତୁ ବିଜେପି ଓ ଜେଡିୟୁ ମଧ୍ୟରେ ନେତୃତ୍ୱ ଓ ଆସନ ବଣ୍ଟନ ନେଇ ଟଣାଓଟରା ଭିତରେ ଶାହ ନୀତୀଶଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି। ଶାହଙ୍କ ମନ୍ତବ୍ୟ ପରେ ଜେଡିୟୁ ତୁରନ୍ତ ପ୍ରତିକ୍ରିୟା ଦେଇ ନୀତୀଶ କୁମାରଙ୍କୁ ଏନ୍‌ଡିଏର ନିର୍ବିବାଦୀୟ ନେତା ବୋଲି ଘୋଷଣା କରିଛି। ଜେଡିୟୁର ଜାତୀୟ ମୁଖପାତ୍ର କେ.ସି. ତ୍ୟାଗୀ କହିଛନ୍ତି, 'ନୀତୀଶ କୁମାର ବିହାର ଏନ୍‌ଡିଏର ଏକମାତ୍ର ନେତା। ଅମିତ ଶାହଙ୍କ ବୟାନ ଆମ ପାଇଁ କୌଣସି ପ୍ରଭାବ ରଖୁନାହିଁ।' ଏହି ଦୃଢ଼ ପ୍ରତିକ୍ରିୟା ଜେଡିୟୁର ଏକତା ଓ ନୀତୀଶଙ୍କ ନେତୃତ୍ୱକୁ ସୁରକ୍ଷିତ ରଖିବାର ପ୍ରୟାସକୁ ଦର୍ଶାଉଛି। ଦଳ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଏନ୍ ?ଡିଏର ଲକ୍ଷ୍ୟ ଏକ ରହିବ ଏବଂ ନୀତୀଶଙ୍କ ନେତୃତ୍ୱରେ ମେଣ୍ଟ ଅଗ୍ରଗତି କରିବ। ଅନ୍ୟପକ୍ଷରେ ଶାହଙ୍କ ମନ୍ତବ୍ୟ ବିଜେପି ଓ ଜେଡିୟୁ ମଧ୍ୟରେ ଅନ୍ତର୍ନିହିତ ତିକ୍ତତାକୁ ପ୍ରକାଶ କରୁଛି। ଏହା ବିରୋଧୀ ଆରଜେଡି ପାଇଁ ଏକ ସୁଯୋଗ ସୃଷ୍ଟି କରିପାରେ ବୋଲି କେତେକ ରାଜନୈତିକ ବିଶ୍ଳେଷକ ମତ ରଖିଛନ୍ତି। ସୂଚନାଯୋଗ୍ୟ, ୭୪ ବର୍ଷ ବୟସରେ ନୀତୀଶ କୁମାରଙ୍କ ରାଜନୈତିକ ସ୍ଥିରତା ଓ ପ୍ରାସଙ୍ଗିକତା ଉପରେ ମଧ୍ୟ ଏବେ ପ୍ରଶ୍ନ ଉଠୁଛି।

# ପ୍ରଥମ ଦିନିକିଆରେ ଭାରତ ପରାସ୍ତ

## ନିରାଶ କଲେ କୋହଲି, ରୋହିତ ଓ ଆୟାର





ପର୍ଥ,୧୯।୧୦: ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟସ୍ଥ ତିନିଟି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆଜିଠାରୁ ଆରମ୍ଭ ହୋଇଛି ପର୍ଥରେ ଖେଳା ଯାଉଥିବା ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭ ୱିକେଟ୍‌ରେ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ତେଣୁ ଭାରତ ପ୍ରଥମେ ବ୍ୟାଟିଂ କରିଥିଲା ତେବେ ମ୍ୟାଚ୍‌ରେ ବାରମ୍ବାର ବାଧକ ସାଜିଥିଲା ବର୍ଷା ସେଥିପାଇଁ ମ୍ୟାଚ୍‌କୁ ଉଭୟ ପକ୍ଷ ପାଇଁ ୨୬ ଓଭରରେ ସୀମିତ କରାଯାଇଥିଲା ।

ବର୍ଷା ବାଧିତ ଓ ୨୬ ଓଭରରେ ସୀମିତ ରହିଥିବା ଏହି ମ୍ୟାଚ୍‌ରେ ଭାରତ ୯ଟି କେଟ ହରାଇ ୧୩୬ ରନ୍ କରିଥିଲା ଦଳ ଟପ୍ ୪ ବ୍ୟାଟରଙ୍କ ପ୍ରଦର୍ଶନ ଆଦୌ ଭଲ ନଥିବା ବେଳେ ଅକ୍ଷର ପଟେଲ ଓ କେଏଲ ରାହୁଲ ଦଳର ସମ୍ମାନ ରକ୍ଷା କରିବାରେ ଟିକେ ସମର୍ଥ ହୋଇଥିଲେ। କିନ୍ତୁ ସେମାନଙ୍କ ପରେ ଅନ୍ୟ ବ୍ୟାଟରମାନଙ୍କ ପ୍ରଦର୍ଶନ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ଏହି ମ୍ୟାଚ୍‌କୁ ନେଇ ସମସ୍ତ ନଜର ରହିଥିଲା ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ। କାରଣ ଉଭୟ ଟେଷ୍ଟ ଓ ଟି-ଟ୍ୱେଣ୍ଟିରୁ ଅବସର ନେଇ ସାରିଥିବା ରୋହିତ ଓ ବିରାଟ ପ୍ରାୟ ୭ ମାସ ପରେ ଟିମ୍‌କୁ ଫେରିଛନ୍ତି। ଦିନିକିଆ ସିରିଜ୍ ଖେଳିବା ପାଇଁ ତେବେ ଏତେ ଦିନ ପରେ ଟିମ୍‌କୁ ଫେରିଥିବା ଏହି ଦୁଇ ଖେଳାଳି ଭାରତୀୟ କ୍ରିକେଟ ପ୍ରେମୀଙ୍କୁ ନିରାଶ କରିଛନ୍ତି।ଆଜି ସେମାନେ ଫେଲ୍ ମାରିଛନ୍ତି। ମ୍ୟାଚ୍‌ର ମାତ୍ର ୩.୪ ଓଭରରେ ଭାରତକୁ ଲାଗିଥିଲା। ବଡ଼ ଝଟକା ଆଉଟ୍ ହୋଇଥିଲେ ଓପନର ରୋହିତ ଶର୍ମା ସେ ସେଟେଲ୍ ହେବା ପୂର୍ବରୁ ଜୋଶ୍ ହାଜେଲଉଡ୍ ତାଙ୍କୁ ନିଜ ଫାସରେ ପକାଇ ଦେଇଥିଲେ।ଜୋଶ୍ ହାଜେଲଉଡ୍‌ଙ୍କ ବଲ୍‌ରେ ମ୍ୟାଟ୍ ରେନ୍‌ଶୋଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ରୋହିତ ଶର୍ମା ସେ ୧୪ଟି ବଲ୍‌ରୁ ୮ ରନ୍ କରି ଆଉଟ୍ ହୋଇଥିଲେ ତାମଧ୍ୟରେ ଗୋଟିଏ ଚୌକା ଥିଲା।ରୋହିତ ଯିବା ପରେ ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ବିରାଟ କୋହଲି ମାତ୍ର ୮ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ନା ତାଙ୍କ ବ୍ୟାଟ୍‌ରୁ କୌଣସି ରନ୍ ବାହାରିଥିଲା ନା ସେ ସେଟେଲ ହୋଇପାରିଥିଲେ। ମିଚେଲ ଷ୍ଟାର୍କଙ୍କ ଏକ ଓାଇଡ୍ ଡେଲିଭରୀକୁ ହିଟ୍ କରି ପଏଣ୍ଟରେ କୁପର କୋନୋଲୀଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ ଏହା ସହିତ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆରେ ଦିନିକିଆରେ ଶୂନରେ ଆଉଟ୍ ହୋଇଛନ୍ତି କୋହଲି।ଅଧିନାୟକ ଶୁବମନ ଗିଲ ଓ ଶ୍ରେୟସ ଆୟର ଯଥାକ୍ରମେ ୧୦ ଓ ୧୧ ରନ୍ କରି ନାଥନ ଇଲିସ ଓ ଜୋଶ ହାଜେଲଉଡ୍‌ଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଅକ୍ଷର ପଟେଲ ୩୮ଟି ବଲରୁ ୩ ଚୌକା ସହାୟତାରେ ୩୧ ରନ୍ କରିଥିବା ବେଳେ ମାଥ୍ୟୁ କୁହନେମ୍ୟାନଙ୍କ ବଲରେ ମ୍ୟାଟ୍ ରେନଶୋଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେହିଭଳି କେଏଲ ରାହୁଲ ୩୧ଟି ବଲ୍‌ରୁ ୨ଟି ଚୌକା ଓ ୨ଟି ଛକା ସହାୟତାରେ ୩୮ ରନ୍ କରିଥିବା ବେଳେ କ୍ୟାଚ୍ ଆଉଟ୍ ହୋଇଥିଲେ ।ୱାଶିଂଟନ ସୁନ୍ଦର ୧୦ ରନ୍, ନୀତୀଶ କୁମାର ରେଡ୍ଡୀ ୧୯, ହର୍ଷିତ ରାଣା ୧ ରନ୍ କରି ଆଉଟ୍ ହୋଇଥିବା ବେଳେ ଅର୍ଶଦୀପ ସିଂହ ଖାତା ଖୋଲିପାରି ନଥିଲେ।

ଅନ୍ୟପକ୍ଷରେ ଡିଏଲ୍‌ଏସ୍ ମେଥଡରେ ଅଷ୍ଟ୍ରେଲିଆକୁ ୨୬ ଓଭରରେ ୧୩୧ ରନ୍ କରିବାକୁ ଟାର୍ଗେଟ୍ ଦିଆଯାଇଥିଲା। ଆଉ ଏହାକୁ ୩ ୱିକେଟ୍ ହରାଇ ୨୧.୧ ଓଭରରେ ହାସଲ କରି ନେଇଥିଲା। ଦଳ ଓପନର ତଥା ଅଧିନାୟକ ମିଚେଲ ମାର୍ଶ ଅପରାଜିତ ରହି ୪୬ ରନ୍ (୫୨ ବଲ୍, ୨ ଚୌକା, ୩ ଛକା) କରି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇଥିଲେ। ଏଥିରେ ତାଙ୍କୁ ବେଶ୍ ଭଲ ସହଯୋଗ କରିଥିଲେ। ଜୋଶ ଫିଲିପ ସେ ୨୯ଟି ବଲ୍‌ରୁ ୩ ଚୌକା ଓ ୨ଟି ଛକା ସହାୟତାରେ ୩୭ ରନ୍ କରିଥିଲେ। ସେହିଭଳି ମ୍ୟାଟ୍ ରେନ୍‌ଶୋ ୨୧ ରନ୍ କରି ଅପରାଜିତ ରହିଥିଲେ ଟ୍ରାଭିସ ହେଡ୍ ଓ ମ୍ୟାଟ୍ ଶର୍ଟ ୮ ରନ୍ ଲେଖାଏ କରିଥିଲେ । ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ ।

## ଭାରତ ରନର ଅପ୍‌ରେ ସନ୍ତୁଷ୍ଟ

ଜୋହରବାହରୁ,୧୮।୧୦: ଭାରତୀୟ ଜୁନିୟର ପୁରୁଷ ହକି ଦଳ ଏଠାରେ ଅନୁଷ୍ଠିତ ସୁଲତାନ ଅଫ୍ ଜୋହର କପ୍ ୨୧ ବର୍ଷରୁ କମ୍ ହକି ଟୁର୍ନାମେଣ୍ଟରେ ରନରଅପ୍ ହୋଇଛି।

ଶନିବାର ଅନୁଷ୍ଠିତ ଫାଇନାଲରେ ଇଆନ ଗ୍ରେବେଲାରଙ୍କ ଗ୍ରେବେଲାର ପ୍ରଥମ କ୍ୱାର୍ଟର ଖେଳ ଶେଷ ହେବାର ଅଳ୍ପ ସମୟ ପୂର୍ବରୁ ୧୩ତମ ମିନିଟ୍‌ରେ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଜବାବରେ ୩ଥର ପୂର୍ବତନ ଚାମ୍ପିୟନ ଭାରତ ଦ୍ୱିତୀୟ କ୍ୱାର୍ଟରରେ ଅନମୋଲ ଏକ୍କାଙ୍କ ଗୋଲ୍ ବଳରେ ମ୍ୟାଚକୁ ୧-୧ରେ



ବରାବର ସ୍ଥିତିକୁ ନେଇ ଆସିଥିଲା।

ଅନମୋଲ ୧୭ତମ ମିନିଟ୍‌ରେ ଏକ ପେନାଲ୍‌ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିଲେ। ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଖେଳ ଶେଷ ହେବାକୁ ଆଉ ମାତ୍ର ୨ ମିନିଟ ଖେଳ ବାକି ରହିଥିବା ବେଳେ ଗ୍ରେବେଲାର ତାଙ୍କର ଦ୍ୱିତୀୟ ଗୋଲ ସ୍କୋର କରିଥିଲେ, ଯାହାକି ମ୍ୟାଚ ୧୧ଶ ପେନାଲ୍ଟି କର୍ନର ଥିଲା। ମ୍ୟାଚର ଅନ୍ତିମ ପର୍ଯ୍ୟାୟରେ ଭାରତ ଲଗାତର ୬ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ମାତ୍ର ବିପକ୍ଷ ଦଳର ଗୋଲ୍‌କିପର ମାଗ୍ନସ ମ୍ୟାକ୍‌ଜଲାଣ୍ଡ ଚମତ୍କାର ଗୋଲରକ୍ଷଣ କରି ଭାରତର ସମସ୍ତ ଉଦ୍ୟମକୁ ପଣ୍ଡ କରିଦେଇଥିଲେ।

୨୦୨୨ରେ ଭାରତ ବିପକ୍ଷ ପରାଜୟ ସମେତ କ୍ରମାଗତ ୩ଟି ଫାଇନାଲରେ ପରାଜିତ ହେବା ପରେ ଅଷ୍ଟ୍ରେଲିଆ ଶେଷରେ ବିଜୟୀ ହୋଇପାରିଛି। ଏହାଦ୍ୱାରା ସେମାନେ ଆହୁରି ମଧ୍ୟ ଭାରତ ବିପକ୍ଷରେ ୩ବର୍ଷ ତଳର ପରାଜୟର ପ୍ରତିଶୋଧ ନେଇପାରିଛନ୍ତି। ଅଷ୍ଟ୍ରେଲିଆର ଓଭରଅଲ ଏହା ତୃତୀୟ ଓଭରଅଲ୍ ସୁଲ୍‌ତାନ ଅଫ୍ ଜୋହର କପ୍ ଟାଇଟଲ।

### କେନ୍ଦ୍ରାପଡା ଜିଲ୍ଲା ଚେସ ଚାମ୍ପିଅନସିପ

## ଲଳିତ ଚାମ୍ପିଅନ ଓ ଲଭ୍ୟ ରନର୍ସଅପ



କେନ୍ଦ୍ରାପଡା: କେନ୍ଦ୍ରାପଡା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ଚଳିତ ବର୍ଷ ର କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଚାମ୍ପିଅନସିପ -୨୦୨୫ ତଥା ୫ମ ଡକ୍ଟର ବୈଷ୍ଣବ ପରିଡା ସ୍ମାରକୀ ଚେସ ଚାମ୍ପିଅନସିପ ର ଉଦଯାପନୀ ଉତ୍ସବ ଏବଂ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି ଏହି ଅବସର ରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ର ଜିଲ୍ଲାପାଳ ରଘୁରାମ ଆର ଆୟର ଉପସ୍ଥିତ ରହି ଖେଳାଳି ମାନଙ୍କୁପୁରସ୍କାର ବିତରଣ କରିବା ସହିତ ଉଦବୋଧନ ଦେଇଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଜେପିର କେନ୍ଦ୍ରାପଡା ଜିଲ୍ଲା ର ବରିଷ୍ଠ ମହିଳା ନେତ୍ରୀ ଶ୍ରୀମତୀ ଗୀତାଞ୍ଜଳି ସେଠୀ, କେନ୍ଦ୍ରାପଡା ର ବରିଷ୍ଟ ବ୍ୟବସାୟୀ ତଥା ସମାଜ ସେବୀ ଶ୍ରୀ ଅଜିତ କୁମାର ସାହୁ, ଯାଜପୁର ୟୁନାଇଟେଡ ଚେସ ଆସୋସିଏସନ୍ ର ପୂର୍ବତନ ସମ୍ପାଦକ ଶ୍ରୀ ମନୋଜ ପରିଡା ଯୋଗ ଦେଇଥିବା ବେଳେ ଆସୋସିଏସନ୍ ର ସଭାପତି ଶ୍ରୀଯୁକ୍ତ କିଶୋର ପଣ୍ଡା,ସମ୍ପାଦକ ତଥା ଅଲ ଓଡ଼ିଶା ଚେସ ଆସୋସିଏସନ୍ ର ଯୁଗ୍ମ ସମ୍ପାଦକ ଭବେଶ୍ ମହାନ୍ତି,କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ ପ୍ରମୁଖ ଉଦବୋଧନ ଦେଇଥିବା ବେଳେ ଆସୋସିଏସନ୍ ର ଉପସଭାପତି ଲଲାଟ କେଶରୀ ସାମଲ ମଞ୍ଚ ପରିଚାଳନା କରିଥିଲେ ।ଏହି ମଞ୍ଚରେ କେନ୍ଦ୍ରାପଡ଼ା ର କିଛି ମାନ୍ୟଗଣ୍ୟ ବ୍ୟକ୍ତି ତଥା ଟୁର୍ଣ୍ଣାମେଣ୍ଟ ସ୍ୱାଗତ ସମିତି ର ସଂଯୋଜକ ଶକ୍ତିଶ୍ରୀ ଲେଙ୍କା ଉପଦେଷ୍ଟା କିଶୋର ଦାସ, ସ୍ୱପ୍ନଜିତ ବାରିକ୍, ଅନିଲ କୁମାର ଥଟୋଇ, ଅସିତ ମହାପାତ୍ର, ଗୌତମ ମଲ୍ଲିକ ଏବଂ ଉପିନ୍ ରାଉତ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ସୂଚନା ଥାଉକି ଦୁଇଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬୪ ଜଣ ଖେଳାଳି ବିଭିନ୍ନ ବ୍ଲକ୍ ରୁ ଭାଗନେଇଥିବା ବେଳେ କେନ୍ଦ୍ରାପଡ଼ା ର ଲଳିତ ରଞ୍ଜନ ସାହୁ ଚାମ୍ପିଅନ, ମହାକାଳପଡ଼ା ର ଲଭ୍ୟ ଜ୍ୟୋତି ରାଉତରାୟ ଦ୍ୱିତୀୟ ଏବଂ ମାର୍ଶାଘାଇ ବ୍ଲକ୍ ର ଆୟୁଷ ଆର୍ଯ୍ୟାନ୍ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ୧୦ ଜଣଙ୍କୁ ଏବଂ ଶ୍ରେଷ୍ଠ ମହିଳା, ଶ୍ରେଷ୍ଠ ବୟୋଜ୍ୟେଷ୍ଠ, ଶ୍ରେଷ୍ଠ ସର୍ବକନିଷ୍ଠ ଏବଂ ୫ ଟି ଏଜ ଗ୍ରୁପ ର ମୋଟ ୧୦ ଜଣଙ୍କୁ ନଗଦ ପୁରସ୍କାର ରାଶି ସହ ଟ୍ରଫି ଏବଂ ସର୍ଟିଫିକେଟ ପ୍ରଦାନ କରାଯାଇଥିଲା ।।

## ବାରବାଟୀରେ ମାଟି କାମୁଡ଼ିଲା ଓଡ଼ିଶା



କଟକ,୧୯।୧୦: ରଣଜୀ ଟ୍ରଫିରେ ଓଡ଼ିଶା ଟିମର ନୈରାଶ୍ୟଜନକ ପ୍ରଦର୍ଶନ। ୨୦୨୫-୨୬ ରଣଜୀ ସିଜିନର ପ୍ରଥମ ମ୍ୟାଚ୍‌ରେ ଦଳ ମାଟି କାମଡ଼ିଛି। ଘରୋଇ ବାରବାଟୀ ଷ୍ଟାଡିୟମରେ ପ୍ରଥମ ମ୍ୟାଚ୍ ଦଳ ଖେଳୁଥିଲେ ହେଁ ଅତ୍ୟନ୍ତ ଲଜ୍ଜାଜନକ ଭାବେ ପରାସ୍ତ ହୋଇଛି। ଭ୍ରମଣକାରୀ ବରୋଦା ଦମଦାର ପ୍ରଦର୍ଶନ କରି ଓଡ଼ିଶାକୁ ୭ ୱିକେଟରେ ହରାଇ ଦେଇଛି। ଓଡ଼ିଶା ପରାଜୟରୁ ଚଳିତ ସିଜିନର ଆରମ୍ଭ କରି କ୍ରିକେଟ ପ୍ରେମୀଙ୍କୁ ନିରାଶ କରିଛି।

ଟସ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଓଡ଼ିଶା ପ୍ରଥମ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ।ଦଳର ଦୁଇ ତଥାକଥିତ ଷ୍ଟାର ବ୍ୟାଟର ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲେ। କିନ୍ତୁ ରାଜେଶ ଧୂପର ସର୍ବାଧିକ ୯୪ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୭୯ ରନର ଇନିଂସ ଖେଳିଥିଲେ। ଏଥିଯୋଗୁ ଓଡ଼ିଶା ପ୍ରଥମ ଇନିଂସରେ ୨୭୪ ରନ କରିପାରିଥିଲା। ବରୋଦା ପକ୍ଷରୁ ଅଧିନାୟକ ଅତୀତ ସେଠ ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ରଶିକ ସଲାମ ୩ଟି ଓ ଭାର୍ଗବ ଭଟ୍ଟ ଗୋଟିଏ ୱିକେଟ ନେଇଥିଲେ। ବରୋଦା ଭଲ ବୋଲିଂ କରିଥିବାରୁ ଲାଗୁଥିବା ଓଡ଼ିଶାର ବୋଲରମାନେ ଘରୋଇ ପରିବେଶରେ ଏହା ଠାରୁ ଅଧିକ ଦମଦାର ପ୍ରଦର୍ଶନ କରିବେ ।ହେଲେ ବ୍ୟାଟରଙ୍କ ଭଳି ବୋଲର ମଧ୍ୟ ସମସ୍ତଙ୍କୁ ନିରାଶ କରିଥିଲେ ।ଏପରି ସ୍ଥିତି ହୋଇଥିଲା ଯେ ପ୍ରଥମ ଇନିଂସରେ ବରୋଦାର ସମସ୍ତ ୧୦ ୱିକେଟ ନେବାକୁ ଓଡ଼ିଶାର ବୋଲର ସକ୍ଷମ ହୋଇ ନଥିଲେ।

ଶିବାଳିକ ଶର୍ମାଙ୍କ ୧୨୪, ସୁକିରତ ପାଣ୍ଡେଙ୍କ ୭୧, ମିତେଶ ପଟେଲଙ୍କ ଅପରାଜିତ ୧୦୦ ଓ ସଲାମଙ୍କ ଅପରାଜିତ ୪୫ ରନ ବଳରେ ବରୋଦା ୭ ୱିକେଟ ହରାଇ ୪୧୩ ରନ କରିବା ପରେ ପ୍ରଥମ ପାଳି ଘୋଷଣା କରିଥିଲା। ଏଥିସହ ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ଠାରୁ ୧୪୨ ରନର ଲିଡ ହାସଲ କରିନେଇଥିଲା ।ଓଡ଼ିଶା ପକ୍ଷରୁ ସୁମିତ ଶର୍ମା ୩, ଡେବ୍ୟୁଟାଣ୍ଟ ବାଦଲ ବିଶ୍ୱାଳ ୨ଟି, ଗୋବିନ୍ଦ ପୋଦ୍ଦାର ଗୋଟିଏ ଓ ଆଉ ଗୋଟିଏ କେଟ ରନ ଆଉଟରୁ ମିଳିଥିଲା ।

୧୪୨ ରନ ପଛରେ ଥିବା ଓଡ଼ିଶା ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପୁଣି ଦୁଇ ଷ୍ଟାର ବ୍ୟାଟର ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଯଥାକ୍ରମେ ୧୭ ଓ ୬ ରନ କରିଥିଲେ। ଶୁଭ୍ରାଂଶୁ ସେନାପତି ଗୋଟିଏ ପଟେ ଲଢ଼େଇ କରି ପ୍ରଥମେ ଓଡ଼ିଶାର ଇନିଂସ ପରାଜୟକୁ ଏଡ଼ାଇଥିଲେ ।କିନ୍ତୁ ସେ ୫୯ ରନ କରିବାକୁ ହିଁ ସକ୍ଷମ ହୋଇଥିଲେ। ପ୍ରଥମ ଇନିଂସରେ ୯୪ ରନର ଇନିଂସ ଖେଳିଥିବା ରାଜେଶ ଧୂପର ଦ୍ୱିତୀୟ ପାଳିରେ କେବଳ ୩ ରନ କରିପାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରବ ଚୌଧୁରୀ ୨୮ ଓ ରାଜେଶ ମହାନ୍ତି ୨୫ ରନ କରିବାରୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୧୭୪ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ୧୭୪ ରନରେ ଅଲଆଉଟ ହୋଇଯିବାରୁ ବରୋଦାକୁ ମ୍ୟାଚ ଜିତିବା ପାଇଁ ମାତ୍ର ୩୩ ରନର ଟାର୍ଗେଟ ମିଳିଥିଲା।

ଏହି ଟାର୍ଗେଟକୁ ହାସଲ କରିବା ପାଇଁ ବରୋଦା କେବଳ ୭.୪ ବଲର ଆବଶ୍ୟକ କରିଥିଲା। ଦଳ ୩ ୱିକେଟ ହରାଇ ବେଶ ଷ୍ଟାଇଲରେ ଚୌକା ମାରି ମ୍ୟାଚ୍ ଶେଷ କରିଥିଲେ। ଦ୍ୱିତୀୟ ଇନିଂସରେ ବରୋଦା ହରାଇଥିବା ୩ଟି ୱିକେଟ ମଧ୍ୟରୁ ବାଦଲଙ୍କୁ ୨ଟି ଓ ଗୋବିନ୍ଦଙ୍କୁ ଗୋଟିଏ ସଫଳତା ମିଳିଛି ।ପ୍ରଥମ ଇନିଂସରେ ୧୨୪ ରନର ଇନିଂସ ଖେଳିଥିବା ଶିବାଳିକ ଶର୍ମା ଦ୍ୱିତୀୟ ପାଳିରେ ଏକାକୀ ଅପରାଜିତ ୩୨ ରନ କରିଛନ୍ତି। ଏଥିପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମିଳିଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପରାସ୍ତ ହୋଇଥିବା ବେଳେ ଦଳର ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୨୫ରୁ ଆରମ୍ଭ ହେବ। ଦ୍ୱିତୀୟ ମ୍ୟାଚରେ ଓଡ଼ିଶାର ମୁକାବିଲା ଶକ୍ତିଶାଳୀ ଉତ୍ତର ପ୍ରଦେଶ ସହ ହେବ। ଉତ୍ତର ପ୍ରଦେଶରେ ରିଙ୍କୁ ସିଂହଙ୍କ ଭଳି ଷ୍ଟାର ଖେଳାଳି ରହିଛନ୍ତି। ପ୍ରଥମ ମ୍ୟାଚ୍‌ରେ ରିଙ୍କୁ ଶତକ ମାରି ସାରିଛନ୍ତି। ତେଣୁ ଓଡ଼ିଶା ପାଇଁ ଏହି ମ୍ୟାଚ ଆଦୌ ସହଜ ହେବ ନାହିଁ।ଉତ୍ତର ପ୍ରଦେଶର ଗ୍ରୀନ ପାର୍କ ଷ୍ଟାଡିୟମରେ ଓଡ଼ିଶା ଏହି ମ୍ୟାଚ୍ ଖେଳିବ।

## ଇଂଲଣ୍ଡ ବିପକ୍ଷରେ ଜିତିବା ମ୍ୟାଚକୁ ପୁଣି ହାତଛଡ଼ା କଲା ଭାରତ

ନୂଆଦିଲ୍ଲୀ,୧୯।୧୦: ସଂଘର୍ଷ କରି ଶେଷରେ ପରାସ୍ତ ହେଲା ଭାରତୀୟ ମହିଳା ଦଳ। ମହିଳା ବିଶ୍ୱକପ କ୍ରିକେଟର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଇଂଲଣ୍ଡଠାରୁ ମାତ୍ର ୪ ରନ୍ ରେ ହାରିଯାଇଛି ଟିମ୍ ଇଣ୍ଡିଆ।। ସ୍ମୃତି ମାନ୍ଧନାଙ୍କ, ହରମୀନପ୍ରିତ କୌର ଓ ଦୀପ୍ତି ଶର୍ମାଙ୍କ ଅର୍ଦ୍ଧଶତକୀୟ ଇନିଂସ ପରେ ବି ମ୍ୟାଚ ଭାରତ ହାତରୁ ଛଡ଼ାଇ ନେଇଥିଲା ଇଂଲଣ୍ଡ । ଶେଷ ୨୨ ବଲରେ ୨୮ ରନ୍ ବାକି ଥାଇ ହାତରେ ୪ଟି ୱିକେଟ ଥିବା ସତ୍ତ୍ୱେ ଇଣ୍ଡିଆ। ମ୍ୟାଚକୁ ଅକ୍ତିଆରକୁ ନେଇପାରି ନଥିଲା । ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୨୮୮ ରନ୍ କରିଥିବାବେଳେ ଭାରତ ୨୮୪ ରନ୍ କରିପାରିଥିଲା। ଭାରତ ବିପକ୍ଷରେ ଏହି ମ୍ୟାଚ ଜିତି ଇଂଲଣ୍ଡ ୯ ପଏଣ୍ଟ ହାସଲ କରି ପଏଂଟଚ ଟେବୁଲ ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଛି। ସେହିପରି ୫ଟି ମ୍ୟାଚ ଖେଳି ମାତ୍ର ୨ଟିରେ ବିଜୟ ହାସଲ କରିଥିବା ଟିମ୍ ଇଣ୍ଡିଆ। ୪ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି ।ଇଂଲଣ୍ଡ ବ୍ୟାଟ୍ସମ୍ୟାନ ହେଥର ନାଇଟ୍ କୁ ପ୍ଲେୟାର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଛି ।ଭାରତୀୟ ମହିଳା ଦଳ ଅକ୍ଟୋବର ୨୩ ତାରିଖରେ ମୁମ୍ବାଇରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ ଖେଳିବ ।

### ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ କ୍ରିକେଟ

## ଯାଆଁଳା କ୍ରିକେଟ କ୍ଲବ ବିଜୟୀ

ଖୋର୍ଦ୍ଧା :୧୯।୧୦: ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ। ଠାରେ ଅନୁଷ୍ଠିତ ପ୍ରଥମ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କ୍ରିକେଟ ଟୁର୍ନାମେଣ୍ଟ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଦ୍ୱିତୀୟ ଦିବସ ଖେଳର ପ୍ରଥମ ମ୍ୟାଚ ଯାଆଁଳା ଏବଂ ମୁକୁନ୍ଦ ପ୍ରସାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲ।। ଟସ ରେ ଜିତି ମୁକୁନ୍ଦ ପ୍ରାସାଦ ଦଳ ବୋଲିଂ ନିଷ୍ପତି ନେଇଥିଲେ ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭର ରେ ୫ ୱିକେଟ ହରାଇ ୨୧୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୮୫ ରନ ଓ ବୀର ଅଭିମନ୍ୟୁ ୫୬ ସଂଗ୍ରହ କରିଥିଲେ। ମୁକୁନ୍ଦ ପ୍ରାସାଦ ଦଳର ପଙ୍କଜ ୩ ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ମୁକୁନ୍ଦପ୍ରସାଦ ଦଳ ୧୬ ଓଭର ରୁ ୯ ୱିକେଟ ହରାଇ ୧୬୦ ରନ ରେ ସୀମିତ ରହିଥିଲା । ଏହି ମ୍ୟାଚ କୁ ଯାଆଁଳା ଦଳ ଦଳ ୫୯ ରନ ରେ ଜିତି ନେଇଥିଲା ।ଏହି ମ୍ୟାଚ ର ଶ୍ରେଷ୍ଠ



ଖେଳାଳି ଭାବେ ବୀର ଅଭିମନ୍ୟୁ ଙ୍କୁ ଅଲ ରାଉଣ୍ଡର ପ୍ରଦର୍ଶନ ପାଇଁ ଅତିଥି ଶଶିକାନ୍ତ ଦାସ (ଟୁବୁଲି ) ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ରେ ତମାଣ୍ଡୋ ଓ ପାନବରଜ ପରସ୍ପର କୁ ଭେଟିଥିଲେ। ବର୍ଷା ବାଧପ୍ରାପ୍ତ ଅଧା ମ୍ୟାଚ ଆଗାମୀ ୨୨ ତାରିଖକୁ ଘୁଞ୍ଚିଲା। ତୁଷାରକାନ୍ତ ସୁନ୍ଦରାୟ, ସୁଜିତ ପରିଡା, ଅସିତ ପରିଡା, ପ୍ରକାଶ ସାହୁ, ଓମ ଅର୍ପିତ ମହାପାତ୍ର ଖେଳକୁ ପରିଚାଳନା କରିଥିବାବେଳେ କୈଳାସ ପରିଡା ଓ ମହାଦୀପ ଶ୍ରୀ ମହାପ୍ରସାଦ ରଥ ଖେଳକୁ ସଂଯୋଜନା କରିଥିଲେ ୨୦/୧୦/୨୫ ତାରିଖ ସୋମବାର ଦିନ ପ୍ରଥମ ମ୍ୟାଚ ପଳାସପୁର ବନାମ କଲ୍ୟାଣପୁର ଓ ଦ୍ୱିତୀୟ ମ୍ୟାଚ ମେଣ୍ଢାଶାଳ ବନାମ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହେବବୋଲି ମ୍ୟାଚ ରେଫରି ସଂକେତ ଦାସ ଓ ଆଶୁତୋଷ ପାଣିଗ୍ରାହୀ ଜଣାଇଛନ୍ତି।

## ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟ୍‌ବଲ୍ ଲୋଗୋ ଓ ଟ୍ରଫି ଉନ୍ମୋଚନ

ଭୁବନେଶ୍ୱର,୧୯।୧୦: ଭୁବନେଶ୍ୱର ସିଟି କ୍ଲବ୍ ଆନୁକୁଲ୍ୟରେ ତୃତୀୟ ନନ୍ଦକିଶୋର ପଟ୍ଟନାୟକ ରାଜ୍ୟସ୍ତରୀୟ ମହିଳା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍‌ର ଲୋଗୋ ଏବଂ ଟ୍ରଫି କଳିଙ୍ଗ ଷ୍ଟାଡ଼ିୟମ୍ ଟେନିସ୍ ସେଣ୍ଟର ହଲ୍‌ରେ ଉନ୍ମୋଚନ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମ୍ମାନନୀୟ ଅତିଥିଭାବେ ବିଧାୟକ ଜୟନାରାୟଣ ମିଶ୍ର ବିଧାୟକ ବାବୁ ସିଂହ, ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍‌ର ସଭାପତି 1 ସମିର ମହାନ୍ତି ଭୁବନେଶ୍ୱର ଆର୍ଥଲେଟିକ୍ ଆସୋସିଏସନ୍‌ର ସମ୍ପାଦକ ଡକ୍ଟର ସୌର୍ଯ୍ୟ ରଞ୍ଜନ ପରିଜା, ଜଗନ୍ନାଥ ପ୍ରଧାନ, ସିଟି କ୍ଲବ୍ ସମ୍ପାଦକ ପ୍ରଦିପ କୁମାର ରାଉତରାୟ, ଉପ-ସଭାପତି ଇଂ ଅରୁଣକୁମାର ବିଶ୍ୱାଳ, ଡକ୍ଟର





ଦେବସ୍ମିତା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷିରେ ଜାତୀୟ ଏବଂଅନ୍ତର୍ଜାତିୟ ମହିଳା ଫୁଟ୍‌ବଲ୍‌ର ଗୀତାଞ୍ଜଳି ଖୁଣ୍ଟିଆ, ଗାୟତ୍ରୀ ମଲ୍ଲିକ୍, ଆଲୋଚନା ସେନାପତି, ବିଜୟଲକ୍ଷ୍ମୀ ସାହୁ, ଲୋଚନା ମୁଣ୍ଡା, ସୁପ୍ରଭା ସାମଲ, ସବନମୟୀ ସାମନ, ପ୍ରଶାନ୍ତି ପ୍ରଧାନ, ସସ୍ମିତା ପାତ୍ର, ସୁଦିପ୍ତା ଦାସ, ସେହନାଜ୍ ବେଗମ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ କୋଚ୍ ରାଜକିଶୋର ମଣ୍ଡଲ, ମହମଦ ସହିଦ୍ ଜବାର, ଗଙ୍ଗାଧର ବେହେରା, ବିଜୟକାନୁନ୍‌ଗୋ, ଆନ୍ତର୍ଜାତିୟ କ୍ରୀଡ଼ା ଆୟୋଜକ ରିଣ୍ଟୁ ମିତ୍ର, ଜାତୀୟ ଖେଳାଳି ରିତୁ ବଦାୟକ, ବରିଷ୍ଠ କ୍ରୀଡ଼ା ସଗଂଠକ ଭକ୍ତ ବଲ୍ଲଭ ଦାସ, ସହଦେବ ରାଉତ, କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ବିରେନ୍ଦ୍ର ମହନ୍ତ, ଇଂ. ଶୁବ୍ରତ ଦାସ ଏବଂ ଜୀବନ ବ୍ୟାପି କ୍ରୀଡ଼ା ସାଧନା ପାଇଁ ଡକ୍ଟର ସୌର୍ଯ୍ୟ ରଂଜନ ପରିଜା ଏବଂ ଭକ୍ତ ବଲ୍ଲଭ ଦାସଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।ଏଥିରେ ଓଡ଼ିଶାର ଶ୍ରେଷ୍ଠ ଦଳ ଗୁଡ଼ିକ ଭାଗ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିବା ଦଳ ଗୁଡ଼ିକ ହେଲେ ଓଡ଼ିଶାପୋଲିସ୍ କଟକ, ସ୍ପୋର୍ଟସ୍ ଓଡ଼ିଶା ଭୁବନେଶ୍ୱର, କିଟ୍, କଟକ ଜିଲ୍ଲା କ୍ରୀଡ଼ା ସଂସଦ, ତାରିଣୀ ଫୁଟ୍‌ବଲ୍ ଏକାଡ଼େମୀ, ନିତା ଫୁଟ୍‌ବଲ୍ ଏକାଡ଼େମୀ, ଯୁବ ସଂଗଠନକୁଆଁର ମୁଣ୍ଡା, ମହିଳା ଫୁଟ୍‌ବଲ୍ ଆସୋସିଏସନ୍ ବାଲେଶ୍ୱର ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବେ। ଚମ୍ପିୟାନ୍ ଦଳକୁ ୩୧,୦୦୦/- ଙ୍କା ସହ ଟ୍ରଫି ପ୍ରଦାନ କରିବା ସହ ରନର୍‌ସପ୍ ଦଳକୁ ଟ.୨୧,୦୦୦/- ଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ଗୋଲ ରକ୍ଷକ, ଶ୍ରେଷ୍ଠ ଡ଼ିଫେଣ୍ଡର, ଶ୍ରେଷ୍ଠ ସ୍କୋରର୍ ଏବଂ ପ୍ରତେକ ଦିନ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ। ଏହି ଟୁର୍ଣ୍ଣାମେଣ୍ଟ୍ ଅକ୍ଟୋବର ୨୫ ରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଭୁବନେଶ୍ୱର ଫୁଟବଲ୍ ଏକାଡ଼େମୀ ଠାରେ ଅନୁଷ୍ଠିତ ହେବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ